
ବର୍ଷ-୨୪, ସଂଖ୍ୟା-୨୦୩
ଭୁବନେଶ୍ୱର
୨୩ ଅଗଷ୍ଟ, ୨୦୨୪ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 203
Bhubaneswar
23 August, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମର୍ଦ୍ଦାନୀ-୩ରେ ଆସିଲେ ରାଣୀ

# ଡାକ୍ତରଙ୍କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ





- ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନରୁ ଓହରିଲେ ଡାକ୍ତର
- କର୍ମଚାରୀ ଓ ଡାକ୍ତରଙ୍କୁ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦିଆଯିବ
- କେନ୍ଦ୍ର ଗୃହ ସଚିବ ଓ ସ୍ୱାସ୍ଥ୍ୟ ସଚିବ ପଦକ୍ଷେପ ଗ୍ରହଣ କରିବେ
- ଡାକ୍ତରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି

ନୂଆଦିଲ୍ଲୀ, ୨୨।୮ (ମହାଭାରତ): କୋଲକାତା ହରର ପରେ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ସାରା ଦେଶରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଆଜି ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଆନ୍ଦୋଳନରୁ ଫେରି ଡିଟ୍ୟୁ କରିବାକୁ ଚାହୁଁଥିବା ମେଡିକାଲ କର୍ମଚାରୀ ଓ ଡାକ୍ତରଙ୍କୁ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଅନୁରୋଧ ଓ ସୁରକ୍ଷା ସମ୍ପର୍କିତ ଆଶ୍ୱସନା ପରେ ଡାକ୍ତରମାନେ ଦୀର୍ଘ ୧୧ ଦିନ ହେଲା ଆନ୍ଦୋଳନ କରୁଥିବା ଡାକ୍ତରମାନେ ଆଜି ଏହାକୁ ପ୍ରତ୍ୟାହାର କରିଛନ୍ତି।

ଆଜି ସିବିଆଇ ଏହି ମାମଲରେ ସୁପ୍ରିମକୋର୍ଟ ଷ୍ଟାଟର୍ସ ରିପୋର୍ଟ ଦାଖଲ କରିଛି। ଏହାପରେ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଗଠିତ ତିନି ଜଣିଆ। ଖଣ୍ଡପୀଠି ମାମଲାର ଶୁଣାଣି କରିଛନ୍ତି।

ସୁପ୍ରିମକୋର୍ଟ କୋଲକାତା ହରର ଶୁଣାଣି ବେଳେ କହିଛନ୍ତି ଯେ ଡାକ୍ତରଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ କେନ୍ଦ୍ର ଗୃହ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଗୃହ ସଚିବ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ଡିଜିପିଙ୍କ ସହ ଡାକ୍ତରଙ୍କ ବୈଠକ ଡାକନ୍ତୁ। ଗୋଟିଏ ସପ୍ତାହ ମଧ୍ୟରେ ବୈଠକ ଡାକି ସରକାରୀ ହସ୍ପିଟାଲରେ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରନ୍ତୁ।

ବୈଠକର ଦୁଇ ସପ୍ତାହ ମଧ୍ୟରେ ରାଜ୍ୟଗୁଡ଼ିକ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏବେ ମାମଲାର ଶୁଣାଣି ସେପ୍ଟେମ୍ବର ୫ରେ ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି। କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ଉପରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଡାକ୍ତରମାନଙ୍କୁ କାର୍ଯ୍ୟରୁ ଫେରିଯିବାକୁ ଆହ୍ୱାନ କରିଥିଲେ। ଆଇନ ତା ବାଟରେ କାର୍ଯ୍ୟ କରୁଛି। ଡାକ୍ତରମାନଙ୍କୁ ସେମାନଙ୍କ କାର୍ଯ୍ୟ ଜାରି ରଖିବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆନ୍ଦୋଳନରେ ଥିବା ଡାକ୍ତରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ସୁପ୍ରିମକୋର୍ଟ।

ଏହି ସମୟରେ ସିଜେଆଇ ନିଜ ସହ ଜଡିତ ଏକ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, 'ଆମେ ଡାକ୍ତରଙ୍କ ପାଇଁ ଚିନ୍ତିତ। ଆମେ ଡାକ୍ତରମାନଙ୍କୁ ୩୬ ଘଣ୍ଟା ଧରି କାମ କରୁଥିବା ଦେଖିଛୁ। ଆମ ସମସ୍ତଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ଅଛନ୍ତି, ଯେଉଁମାନେ ସରକାରୀ ଡାକ୍ତରଖାନାକୁ ଯାଆନ୍ତି। ପରିବାରର କେହି ଜଣେ ଅସୁସ୍ଥ ଥିବାବେଳେ ମୁଁ ସରକାରୀ ଡାକ୍ତରଖାନାର ଚଟାଣରେ ଶୋଇଛି। ଆମେ ଏହି ପର୍ଯ୍ୟାୟ ଦେଇ ଗତି କରିଛୁ।' ସରକାରୀ ହସ୍ପିଟାଲକୁ ଆସୁଥିବା ସମସ୍ତ ରୋଗୀଙ୍କ ପ୍ରତି ଆମର ସମ୍ବେଦନ। ଡକାକ୍ତରମାନେ ତୁରନ୍ତ କାମରେ ଯୋଗ ଦିଅନ୍ତୁ। ନଚେତ ରୋଗୀ ସେବା ଠପ୍ ହୋଇଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯଦି ଏହା ପରେ ଅସୁବିଧା ହୁଏ, ତେବେ ଆମ ପାଖକୁ ଆସନ୍ତୁ, କିନ୍ତୁ ପ୍ରଥମେ ସେମାନଙ୍କୁ ଡ୍ୟୁଟିରେ ଯୋଗଦିଅନ୍ତୁ ବୋଲି ସୁପ୍ରିମକୋର୍ଟର ତିନି ଜଣିଆ। ଖଣ୍ଡପୀଠ କହିଥିଲେ।

ଆରଜି କର ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ହଜାର ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସୁରକ୍ଷା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଥିଲେ। ସୁପ୍ରିମକୋର୍ଟଙ୍କ ଅନୁରୋଧ ପରେ ପ୍ରଥମେ ଏମ୍ସର ରେସିଡେଣ୍ଟ ଡାକ୍ତରମାନେ ୧୧ ଦିନ ଧରି ଜାରି ରଖିଥିବା ଆନ୍ଦୋଳନକୁ ପ୍ରତ୍ୟାହାର କରୁଥିବା ଘୋଷଣା କରିଥିଲେ। ଏହାପରେ ଆରଏଲଏମ ହସ୍ପିଟାଲର ଡାକ୍ତରମାନେ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଦୁଇ ବଡ଼ ସଂସ୍ଥାର ଡାକ୍ତରମାନେ ଆନ୍ଦୋଳନରୁ ହଟିବାରୁ ଦେଶରେ ବିଭିନ୍ନ ପ୍ରାନ୍ତରେ ଚାଲିଥିବା ବିକ୍ଷୋଭ ମଧ୍ୟ ଧୀରେଧୀରେ ପ୍ରତ୍ୟାହାର ହେବାରେ ଲାଗିଛି।

ଏମ୍ସର ରେସିଡେଣ୍ଟ ଡାକ୍ତର ସଂଘ ପକ୍ଷରୁ କୁହାଯାଇଛି ଯେ ସୁପ୍ରିମକୋର୍ଟଙ୍କ ଆହ୍ୱାନ ଓ ଆଶ୍ୱସନା ପରେ ଆମେ ଡିଟ୍ୟୁରେ ଯୋଗଦେବାକୁ ନିଷ୍ପତ୍ତି ନେଇଛୁ। ସୁପ୍ରିମକୋର୍ଟ ଆରଜି କର ଘଟଣା ଓ ଡାକ୍ତରଙ୍କ ସୁରକ୍ଷା ସମ୍ପର୍କରେ ଦେଇଥିବା ପ୍ରତିଶ୍ରୁତି ଯୋଗୁ ଆନ୍ଦୋଳନକୁ ଏବେ ପ୍ରତ୍ୟାହାର କରାଯାଉଛି। କୋଲକାତା ରେପ କେସ୍ ଓ ପୂରା ଦେଶର ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ପ୍ରସଙ୍ଗରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିବା ସଂଘ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦିଆଯାଇଛି। ସୁପ୍ରିମକୋର୍ଟ ଡାକ୍ତରମାନଙ୍କ ସୁରକ୍ଷା ପାଇଁ ଏମ୍ସ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ୧୦ ଜଣିଆ ନ୍ୟାଶନାଲ ଟାସ୍କ ଫୋର୍ସ ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

## ସନ୍ଦୀପ ଘୋଷଙ୍କ ହେବ ମିଛ ଧରା ପରୀକ୍ଷା

**କୋଲକାତା, ୨୨।୮ (ମହାଭାରତ):** ବିବାଦରେ ଥିବା କୋଲକାତାର ଆରଜି ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ଡାକ୍ତର ସନ୍ଦୀପ ଘୋଷଙ୍କ ଅଡୁଆ ବଢ଼ିଛି। ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିବିଆଇ ତାଙ୍କର ମିଛ ଧରା ପରୀକ୍ଷା କରିବ ଏନେଇ କୋଲକାତାର ଗୋଟିଏ ସ୍ୱତନ୍ତ୍ର କୋର୍ଟ ଅନୁମତି ଦେଇଛନ୍ତି। ସନ୍ଦୀପ ଘୋଷଙ୍କ ବ୍ୟତୀତ ସିବିଆଇ ସ୍କାନରରେ ଥିବା ଆଉ ୪ ଜଣ ଡାକ୍ତରଙ୍କର ମଧ୍ୟ ପଲିଗ୍ରାଫ ବା ମିଛ ଧରା ପରୀକ୍ଷା ହେବ। ଏମାନେ ଦୁଷ୍କର୍ମ ପରେ ହତ୍ୟାର ଶିକାର ହୋଇଥିବା ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ ସହକର୍ମୀ। ଘଟଣା ଦିନ ପୀଡ଼ିତାଙ୍କ ସହ ଏହି ୪ ଡାକ୍ତର ଥିଲେ ଓ ଏକାଠି ସମସ୍ତେ ଡିନର ମଧ୍ୟ କରିଥିଲେ। ତେଣୁ ସିବିଆଇ ସେମାନଙ୍କୁ ସନ୍ଦୀପ ଘୋଷଙ୍କ ଭଳି ଘନଘନ ଜେରା କରିଛି। ଏଥିସହ ସମସ୍ତଙ୍କର ମିଛ ଧରା ପରୀକ୍ଷା ପାଇଁ କୋର୍ଟଙ୍କ ଅନୁମତି ପାଇଛି।

## ସବୁ ଶିକ୍ଷାନୁଷ୍ଠାନକୁ ମିଳିବ ଜମି ପଟ୍ଟା : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୨।୮ (ମହାଭାରତ) :** ଡିସେମ୍ବର ଶେଷ ସୁଦ୍ଧା ସବୁ ଶିକ୍ଷାନୁଷ୍ଠାନ ମିଳିବ ଜମି ପଟ୍ଟା ସ୍କୁଲ, କଲେଜ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନକୁ ସରକାରୀ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ସୂଚନା ଦେଇଛନ୍ତି।

## ପାଣ୍ଠି ପ୍ରଦାନରେ ଯାଜପୁରକୁ ଅନୁକମ୍ପା

**ଭୁବନେଶ୍ୱର, ୨୨।୮ (ମହାଭାରତ):** ଯାଜପୁର ଜିଲ୍ଲାକୁ ୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନରୁ ୩୦୦୮କୋଟି ଟଙ୍କା ଦିଆଯାଇଛି। ଆଉ ଜିଲ୍ଲା ଖଣିଜ ପାଣ୍ଠିରୁ ମଧ୍ୟ ୧୦୩୨.୫୪କୋଟି ଟଙ୍କା ଯାଜପୁରକୁ ମଞ୍ଜୁର ହୋଇଛି।

ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ୨୦୨୧-୨୨ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନରୁ ୧୭୨୯ଟି ପ୍ରକଳ୍ପ ପାଇଁ ମୋଟ ୩୦୩୭.୩୪କୋଟି ଟଙ୍କା ଯାଜପୁର ଜିଲ୍ଲାକୁ ମଞ୍ଜୁର କରାଯାଇଛି। ସେଥିରୁ ୧୭୨୯ଟି ପ୍ରକଳ୍ପ ପାଇଁ ୩୦୦୮.୩୮ କୋଟି ଟଙ୍କାର ପାଣ୍ଠିକୁ ଜିଲ୍ଲା ଦ୍ୱାରା କାର୍ଯ୍ୟନିର୍ବାହୀ ଏଜେନ୍ସିକୁ ପ୍ରଦାନ କରାଯାଇଛି। ମାତ୍ର ଆଶ୍ଚର୍ଯ୍ୟର କଥା ଏତେ ପରିମାଣର ପ୍ରକଳ୍ପ ମଞ୍ଜୁର ହୋଇଥିଲେ ବି ସେଥିରୁ ମାତ୍ର ୪୩୭ଟି ପ୍ରକଳ୍ପ ବାବଦରେ ୧୧୦୨କୋଟି ଟଙ୍କା ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଆବଶ୍ୟକ ପାଣ୍ଠି ମଞ୍ଜୁର ହୋଇଥିଲେ ମଧ୍ୟ ୨୫୫ଟି ପ୍ରକଳ୍ପ କାର୍ଯ୍ୟ ଏବେ ଜାରି ରହିଛି ଓ ୧୦୩୭ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।ପ୍ରକଳ୍ପ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହୁଥିଲେ ମଧ୍ୟ ଯାଜପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ବାବଦରେ ବିଗତ ଦୁଇବର୍ଷରେ ପ୍ରାୟ ୨୬୮୦କୋଟି ଟଙ୍କା ଦିଆଯାଇଛି । ସେହିପରି ଜିଲ୍ଲା ଖଣିଜ ପାଣ୍ଠିକୁ ବିଗତ ୫ବର୍ଷ ମଧ୍ୟରେ ମୋଟ ୧୩୯୧.୯୪କୋଟି ଟଙ୍କା ମିଳିଛି। ସେଥିରୁ ୩୫୯୯ଟି ପ୍ରକଳ୍ପ ପାଇଁ ୧୦୩୨.୫୪କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।ଜୁଲାଇ ଶେଷସୁଦ୍ଧା ଖଣିଜ ପାଣ୍ଠିରେ ୬୧୨କୋଟି ଟଙ୍କା ବଳକା ରହିଛି ।

# ଗୃହରେ ମଦ ମୃତ୍ୟୁ, ଇଡି ଚାଟି

ଭୁବନେଶ୍ୱର, ୨୨।୮ (ମହାଭାରତ): କ୍ରମାଗତ ତୃତୀୟ ଦିନ ପାଇଁ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେବେ ଚିକିଟି ମଦମୃତ୍ୟୁ ପ୍ରସଙ୍ଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚାଉ ପ୍ରସଙ୍ଗକୁ ନେଇ ଆଜି ଗୃହରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ପ୍ରବଳ ହଟ୍ଟଗୋଳ ହୋଇଥିଲା। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଚିକିଟି ମଦ ମୃତ୍ୟୁ ଘଟଣାରେ ବିଜେଡି ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବା ବେଳେ କଂଗ୍ରେସ ଇଡି ଚଢ଼ାଉକୁ ନେଇ ହଟ୍ଟଗୋଳ କରିଥିଲା । ଫଳରେ ବାଚସ୍ପତି ୧୦ଟା ୩୬ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ସାଢ଼େ ୧୧ଟାରୁ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହେବା ମାତ୍ରେ ପୂର୍ବପରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।



ବିରୋଧୀଙ୍କ ଏପରି ଆଚରଣକୁ ଶାସକ ଦଳ ସଭ୍ୟ ଟଙ୍କଧର ତ୍ରିପାଠୀ କଡ଼ା ସମାଲୋଚନା କରିଥିଲେ ।ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗତ ୩ ଦିନ ହେଲା ଗୃହରେ ଆଲୋଚନା ହୋଇପାରୁନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ' ଚିକିଟି ମଦମୃତ୍ୟୁ ପ୍ରସଙ୍ଗରେ ବିରୋଧୀ ଦଳ ଆଣିଥିବା ମୁଲତବୀ ପ୍ରସ୍ତାବ ଉପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ । ଗୃହ ପରିଚାଳନାରେ ସହଯୋଗ କରିବାକୁ ସେ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ତେବେ ବିରୋଧୀ ସଦସ୍ୟ ପୂର୍ବଭଳି ହଟ୍ଟଗୋଳ କରିବାରୁ ବାଚସ୍ପତି ୧୧ଟା ୩୩ରୁ ୧୧ଟା ୪୮ ଏବଂ ପରେ ୧୧ଟା ୫୦ରୁଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଥିଲେ।

## ମଦ ମୃତ୍ୟୁ ଘଟଣାର ଆରଡିସି ସ୍ତରୀୟ ତଦନ୍ତ

**ଭୁବନେଶ୍ୱର, ୨୨।୮ (ମହାଭାରତ):** ଚିକିଟି ମଦ ମୃତ୍ୟୁ ଘଟଣାରେ ଆରଡିସି ସ୍ତରୀୟ ତଦନ୍ତ ପାଇଁ ଆଜି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଚିକିଟି ମଦ ମୃତ୍ୟୁ ଘଟଣାରେ ଆରଡିସି ସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଆଜି କିମ୍ବା କାଲି ଭିତରେ ଆରଡିସି ତଦନ୍ତ ଆରମ୍ଭ ହେବ। ଏନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ତଦନ୍ତର ରିପୋର୍ଟ ୨ ମାସ ମଧ୍ୟରେ ଆସିବ। ଏହି ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଏହି ଘଟଣାକୁ ନେଇ କଠୋର ଅଛନ୍ତି କଠୋରତାର ସହକାରେ ନିଷ୍ପତ୍ତି ନେଉଛନ୍ତି। ଚିକିଟି ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଏସ୍ଆଇ ପ୍ରସନ୍ନ କୁମାର ଜାଲିଙ୍କୁ ନିଲମ୍ବିତ କରାଯାଇଛି ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବସ୍‌କୁ ଧକ୍କା ଦେଲା ଟ୍ୟାଙ୍କର, ୪ ମୃତ

## ୨ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୮ (ମହାଭାରତ): ଗଞ୍ଜାମ ସମ୍ବରଝୋଳ ଦୁର୍ଘଟଣାରେ ୫ ଜଣ ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।



ଏଥିସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ସହାୟତା ଘୋଷଣା କରିଛନ୍ତି। ସେହିପରି ଗୁରୁତର ଆହତଙ୍କୁ ୧ ଲକ୍ଷ ଲେଖାଏ କ୍ଷତିପୂରଣ ଏବଂ ଆହତଙ୍କ ଚିକିତ୍ସା ସଂପୂର୍ଣ୍ଣ ମାଗଣା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସକାଳୁ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ସମ୍ବରଝୋଳ ତଥା କଞ୍ଚୁରୁ ଛକଠାରେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ତେଲ ଟ୍ୟାଙ୍କରଟି ଏକ ଟ୍ରକ୍କୁ ଓଭରଟେକ କରିବାକୁ ଯାଇ ଯାତ୍ରୀବାହୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲାୟ ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଗୁରୁତର ହୋଇଛନ୍ତି। 'ଖମ୍ବେଶ୍ୱରୀ' ନାମକ ଯାତ୍ରୀବାହୀ ବସ୍ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଧରି ବ୍ରହ୍ମପୁର ଅଭିମୁଖେ ଆସୁଥିଲା। ସେହି ସମୟରେ ତେଲ ଟାଙ୍କରଟି ବ୍ରହ୍ମପୁରରୁ ଆସ୍କା ପଟକୁ ଆସୁଥିଲା। କଞ୍ଚୁରୁ ଛକଠାରେ ତେଲ ଟ୍ୟାଙ୍କରଟି ଏକ ଟ୍ରକକୁ ଓଭରଟେକ କରୁଥିବା ବେଳେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

# ଭିଜିଲାନ୍ସ ଜାଲରେ ରେଞ୍ଜର

ଭୁବନେଶ୍ୱର, ୨୨।୮ (ମହାଭାରତ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ସକାଳେ ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କ ଘରେ ଭିଜିଲାନସ ଚଢ଼ାଉ କରିଛି। ବିଭୁଦାନନ୍ଦଙ୍କ ପୈତୃକ ଘର ସମେତ ୮ଟି ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଚଢାଉବେଳେ ତାଙ୍କର ବିପୁଳ ସମ୍ପତ୍ତି ଥିବା ଠାବ କରାଯାଇଛି।



ଭିଜିଲାନ୍ସ ରେଡ୍‌ବେଳେ ଭୁବନେଶ୍ୱର ଏବଂ ଢେଙ୍କାନାଳରେ ରେଞ୍ଜରଙ୍କ ୮ଟି ପ୍ଲଟ, ଭୁବନେଶ୍ୱରରେ ଗୋଟିଏ ବିଲ୍ଡିଂ ଏବଂ ମୂଲ୍ୟବାନ ଫ୍ଲାଟ୍, ହାଇଦ୍ରାବାଦରେ ୨ଟି ଫ୍ଲାଟ୍, ଆଠଗଡରେ ୫ ଏକର ବିଶିଷ୍ଟ ଫାର୍ମ ହାଉସ୍ ଠାବ ହୋଇଛି। ତଦ୍ ବ୍ୟତୀତ ବିଭୂଦାନନ୍ଦଙ୍କ ଘରୁ ନଗଦ ୪ ଲକ୍ଷ ୧୩ ହଜାର ଟଙ୍କା, ୩୦୦ ଗ୍ରାମ ସୁନା, ଗୋଟିଏ ହୀରା ହାର ଏବଂ କାନଫୁଲ, ୪୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍, ୨ଟି ୪ ଚକିଆ। ଏବଂ ୬ଟି ଦୁଇ ଚକିଆ ଯାନ ଠାବ ହୋଇଛି। ଚଢାଉ ସମୟରେ ବିଭୂଦାନନ୍ଦଙ୍କ ଟଏଲେଟ୍ ଫ୍ଲସ୍ ଟାଙ୍କି ଏବଂ ବିଭିନ୍ନ ସ୍ଥାନରୁ ବିଡ଼ା ବିଡ଼ା ଟଙ୍କା ଜବତ କରାଯାଇଥିଲା। ଚଢାଉ ବେଳେ ବିଭୂଦାନନ୍ଦ ମିଶ୍ର ଏବଂ ତାଙ୍କ ପରିବାରର ସଦସ୍ୟଙ୍କ ନାଁରେ ଅନେକ ସମ୍ପତ୍ତି ରହିଥିବା ସୂଚନା ମିଳିଛି। ରେଞ୍ଜର ବାବୁଙ୍କ ଢେଙ୍କାନାଳ ରତ୍ନବଜାରରେ ଥିବା ୩ ମହଲା ଘର, ବୀରକିଶୋରପୁରରେ ଥିବା ପୈତୃକ ଘର, ଢେଙ୍କାନାଳରେ ଥିବା ସଂପର୍କୀୟଙ୍କ ଘର, ଢେଙ୍କାନାଳ ଅଫିସ ଓ ଚ୍ୟାମ୍ବର, ଢେଙ୍କାନାଳର ସରକାରୀ କ୍ୱାର୍ଟର୍ସ ଓ ଭୁବନେଶ୍ୱର ଜିଜିପି କଲୋନୀରେ ଥିବା ଫ୍ଲାଟରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ୬ଜଣ ଡିଏସପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୬ଜଣ ଇନ୍ସପେକ୍ଟର, ୬ଜଣ ଏସଏଆଇ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଛନ୍ତି। ସେହିପରି ଆଠଗଡ଼ରେ ତାଙ୍କର ବିଳାସପୂର୍ଣ୍ଣ ବିରାଟ ଫାର୍ମ ହାଉସ ରହିଛି।

### ଟଏଲେଟ୍ ଫ୍ଲସରୁ ବାହାରିଲା ନୋଟ୍

### ୫ ଏକର ଜାଗାରେ ଫାର୍ମ ହାଉସ, ୮ ପ୍ଲଟ୍ ଓ ୪ ଫ୍ଲାଟ

# ଓଡ଼ିଶାରେ ସୁନାଖଣିର ସନ୍ଧାନ : ମନ୍ତ୍ରୀ

ଭୁବନେଶ୍ୱର, ୨୨।୮ (ମହାଭାରତ): ବିଧାନସଭା ଅଧିବେଶନରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ସୁନା ଖଣିର ସନ୍ଧାନ ମିଳିଛି। ଦେବଗଡ଼ ଜିଲା ଆଡାସ-ରାମପାଲ୍ଲି ଅଞ୍ଚଳରେ ସୁନାପଥରର ସନ୍ଧାନ ମିଳିଛି। ଜିଏସ୍ଆଇ ଦ୍ୱାରା ତମ୍ବାପଥର ଉତ୍ତୋଳନ ବେଳେ ସୁନାର ସନ୍ଧାନ ମିଳିଛି।ଏହି ଅଞ୍ଚଳରେ ସୁନା ଗଚ୍ଛିତ ଥିବା ଭୂତାତ୍ତ୍ୱିକ ଆକଳନରୁ ବି ଜଣାପଡ଼ିଛି। ଏବେ ଏହି ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ କହିଛନ୍ତି।

ଅନ୍ୟ ଜିଲାଗୁଡ଼ିକ ମଧ୍ୟରେ କେନ୍ଦୁଝର ଜିଲାର ଗୋପୁର-ଗାଜିପୁର, ମାଙ୍କଡ଼ଚୁଆଁ, ସଲେଇକଣା ଓ ଡିମିରିମୁଣ୍ଡା ଅଞ୍ଚଳରେ ସୁନା ଖଣି ପାଇଁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେହିପରି ମୟୂରଭଞ୍ଜ ଜିଲାର ଯଶୀପୁର,ସୁଲେଇପାଟ, ସୁରିଆଗୁଡା, ରୁଆଁସୀ, ଇଡେଲକୁଚା, ମାରେଡିହି ଏବଂ ବାଦାମପାହାଡ଼ ଅଞ୍ଚଳରେ ସୁନାଖଣିର ଅନ୍ୱେଷଣ ଚାଲିଛି। ଅନ୍ୟ ଜିଲାଗୁଡ଼ିକ ମଧ୍ୟରେ କୋରାପୁଟ, ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, ମାଲକାନଗିରି, ସମ୍ବଲପୁର, ବୌଦ୍ଧ ଜିଲାର କେତେକ ସ୍ଥାନରେ ସୁନା ଖଣି ଥିବା ସନ୍ଧାନ ମିଳିଛି। ୧୯୮୧-୮୩ ଏବଂ ୧୯୮୯-୯୬ରେ ଚିହ୍ନିତ କରାଯାଇଥିବା କେନ୍ଦୁଝର ଜିଲାର ଗୋପୁର-ଗାଜିପୁର ଅଞ୍ଚଳରେ ପ୍ରାଥମିକ ସର୍ବେକ୍ଷଣରୁ ମିଳିଥିବା ସୂଚନା ଆଧାରରେ ସୁନା ଖଣିର ପୁନଃ ଅନୁସନ୍ଧାନ କାର୍ଯ୍ୟକ୍ରମ ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଏବଂ ଖଣି ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଜି-୨ସ୍ତରରେ ୨୦୨୧-୨୦୨୨ରୁ ଚାଲୁ ରହିଛି। ଏହି ଖଣିର ମାନ ଓ ପରିମାଣ ନିର୍ଦ୍ଧାରଣ କରାଯାଇ ନ ଥିବାରୁ ଏହାର ଉତ୍ତୋଳନ ନିମନ୍ତେ ସରକାରୀସ୍ତରରେ ବର୍ତ୍ତମାନ କୌଣସି ଯୋଜନା ନାହିଁ।

# ଲକ୍ଷ୍ମୀ ବସ୍ ପାଇଁ ୩୭୪ କୋଟି କ୍ଷତି

**ଭୁବନେଶ୍ୱର, ୨୨।୮ (ମହାଭାରତ):** ଲକ୍ଷ୍ମୀ ବସ ପାଇଁ ରାଜ୍ୟ ସରକାର ୩୭୪ କୋଟି ୮ ଲକ୍ଷ ୫୮ ହଜାର ଟଙ୍କା କ୍ଷତିରେ ଅଛନ୍ତି। ୨୦୨୩ ମସିହା ଅକ୍ଟୋବର ୧୨ ତାରିଖରୁ ୨୦୨୪ ଅଗଷ୍ଟ ୧୯ ତାରିଖ ଯାଏଁ ମାତ୍ର ୧୦ ମାସରେ ଏହି କ୍ଷତି ସହିଛନ୍ତି ସରକାର। ବିଧାନସଭାରେ ଏକ ପ୍ରଶ୍ନରେ ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୁତିଭୂଷଣ ପ୍ରଧାନ। ପରିବହନ ମନ୍ତ୍ରୀ କହିଛନ୍ତି ଯେ, ଲକ୍ଷ୍ମୀ ଯୋଜନାରେ ରାଜ୍ୟରେ ୧୩୪୦ଟି ବସ୍ ଚାଲିଛି। ଏ ବାବଦରେ ରାଜ୍ୟ ସରକାର ୩୯୯ କୋଟି ୧୨ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ଆୟ ହୋଇଛି ମାତ୍ର ୨୫ କୋଟି ୩ ଲକ୍ଷ ୮୬ ହଜାର ଟଙ୍କା।

ବିଜେଡି ସରକାର ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ବାହାର ରାଜ୍ୟର ୮ଟି କଂପାନୀ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ସେ ସବୁ ସଂସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନୂଆ ସରକାର ଆସିବା ପରେ ଲକ୍ଷ୍ମୀ ବସ ଯୋଜନାର ନାଁ ବଦଳି ହୋଇ ମୁଖ୍ୟମନ୍ତ୍ରୀ ବସ୍ ସେବା କ୍ଷତିରେ ଚାଲିଥିବା ଏହି ଯୋଜନାର ଭବିଷ୍ୟତ ରୂପରେଖ କଣ ହେବ, ତା ଉପରେ ନଜର ସମସ୍ତଙ୍କର ରହିଛି। ଏହାକୁ ନେଇ ରାଜନୀତି ମଧ୍ୟ ତେଜିଛି। କଂଗ୍ରେସ କହିଛି, ଏହା ତତକାଳୀନ ବିଜେଡି ସରକାରର ନିର୍ବାଚନୀ ଥୋପ ଥିଲା। ଏବେ ସରକାର ବସ୍ ସେବାକୁ ନେଇ କି ପଦକ୍ଷେପ ନେଉଛନ୍ତି ତାକୁ ଅପେକ୍ଷା। ବିଜେଡି କହିଛି ଲୋକଙ୍କ ସୁବିଧା ପାଇଁ ମୂଲ୍ୟରେ ବିଜେଡି ସରକାର ଲକ୍ଷ୍ମୀ ବସ ସେବା ଯୋଗାଇ ଦେଇଥିଲେ।

# ଢାକାରେ ଥାଇ ସିମ୍ ବକ୍ସକୁ ନିୟନ୍ତ୍ରଣ କରୁଥିଲା ଆସାଦୁର

## ଭୁବନେଶ୍ୱର ଓ ରାଞ୍ଚିରେ ବସିଥିବା ସିମ୍‌ବକ୍ସରେ ଲାଗିଥିଲା ସ୍ମାର୍ଟ ସୁଇଚ୍

ଭୁବନେଶ୍ୱର, ୨୨।୮ (ମହାଭାରତ): କଟକ, ଭୁବନେଶ୍ୱର ଓ ରାଞ୍ଚିରୁ ସିମ୍ ଜବତ ହେବା ପରେ ଧୀରେ ଧୀରେ ଖୋଲିବାରେ ଲାଗିଛି ସାଂଘାତିକ ତଥ୍ୟ। ସ୍ମାର୍ଟ ସୁଇଚ୍ ଦ୍ୱାରା ହେଉଥିଲା ସିମ୍ ବକ୍ସ କଣ୍ଟ୍ରୋଲ। ଢାକାରେ ବସି ଆସାଦୁର ଭୁବନେଶ୍ୱର ଓ ରାଞ୍ଚିରେ ବସିଥିବା ସିମ୍ ବକ୍ସକୁ ଅପରେଟ୍ କରିବା ସହ କଣ୍ଟ୍ରୋଲ କରୁଥିଲା। କମିଶନରେଟ ପୁଲିସ୍ ଓ ଏନ୍ଆଇଏରୁ ଗୁଡ଼ାଇତୁଡ଼ାଇ ପଚରାଉଚରା ପରେ ଏପରି ସାଂଘାତିକ ତଥ୍ୟ ଉଗାରିଛି ରାଜୁ ମଣ୍ଡଳ। ସିମ୍ ବକ୍ସ ଗ୍ରୁମରର ମାଷ୍ଟର ମାଇଣ୍ଡ ଆସାଦୁର୍ ଜମାନ ବାଂଲାଦେଶୀ ହୋଇଥିବା ବେଳେ କଟକ, ଭୁବନେଶ୍ୱର ଓ ରାଞ୍ଚିରେ ସେ ଲଗାଇଥିଲା ସିମ୍ ବକ୍ସ।



ପୁଲିସ୍ କମିଶନର ସଞ୍ଜୀବ ପଣ୍ଡା ଆଜି ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ଓ ରାଞ୍ଚିରେ ବସିଥିବା ସିମ୍ ବକ୍ସରେ ଲାଗିଥିଲା ସ୍ମାର୍ଟ ସୁଇଚ୍। ଆସାଦୁର୍ ଢାକାରେ ରହି ଏହାକୁ କଣ୍ଟ୍ରୋଲ କରୁଥିଲା।

ଢାକାରେ ଆସାଦୁର ଆଇକନ ଟେକ୍ନୋଲୋଜି ନାମକ ଏକ ସଫ୍ଟୱୟାର କଂପାନୀ ଚଳାଇଥିଲା । ସେ ଉକ୍ତ କମ୍ପାନୀର ମାଲିକ ହୋଇଥିବା ବେଳେ ତାହାକୁ ନିଜେ ପରିଚାଳନା କରୁଥିଲା।

ଆସାଦୁର ଅତି ସତର୍କତାର ସହ କଟକ, ଭୁବନେଶ୍ୱର ଓ ରାଞ୍ଚିରେ ଘର ଭଡ଼ା ନେଇ ସିମ୍ ବକ୍ସ ଲଗାଇଥିଲା। ଏହାର ବୁଝାଶୁଝା ନିମନ୍ତେ ସେ ପଶ୍ଚିମବଙ୍ଗର ରାଜୁ ମଣ୍ଡଳକୁ ରଖିଥିଲେ। ରାଜୁ ଏହି ସମସ୍ତ ସ୍ଥାନକୁ ଭିନ୍ନ ଭିନ୍ନ ସମୟରେ ଯାଇ ବୁଝାଶୁଝା କରିବା ସହ ସମସ୍ତ ସିମ୍ ବକ୍ସର ଦେଖାରଖା କରୁଥିଲେ। ଏଥିସହ ମାଲିକମାନଙ୍କର ଯେପରି ସନ୍ଦେହ ନ ହେବ ନିର୍ଦ୍ଧାରିତ ସମୟରେ ଭଡ଼ା ବି ଦେଉଥିଲା।


ଆସାଦୁର ଭାରତରେ ୨ ମାସ ଥିଲା। ସେ ଅଗରତାଲା ବାଟେ ଆସି ପଶ୍ଚିମବଙ୍ଗ ବାଟେ ଯାଇଛି। ତେବେ ସେ ଓଡ଼ିଶାରେ କେତେ ଦିନ ରହିଛି ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳି ପାରିନି। ତେବେ ଅସୋଦୁରର ଫଟୋ ମିଳି ସାରିଥିବା କହିଛନ୍ତି କମିଶନର।ରାଜୁ ମଣ୍ଡଳକୁ ପଚରାଉଚରାରୁ ୩ଟି ଇଣ୍ଟରନେଟ କନେକ୍ସନ ନିଆଯାଇ ୮ଶହରୁ ଊର୍ଦ୍ଧ୍ୱ ସିମ୍ ଅପରେଟ କରାଯାଉଥିବା ଜଣାଯାଇଛି। ତେବେ ଏହି ସିମ୍ ଦ୍ୱାରା କାହା କାହା ପାଖକୁ କଲ୍ ଯାଇଥିଲା ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି କମିଶନର।ଗିରଫ ରାଜୁ ମଣ୍ଡଳର ରିମାଣ୍ଡ ଅବଧୀ ଆଜି ସରୁଥିବା ବେଳେ ଆହୁରି ପଚରାଉଚରା ପାଇଁ କମିଶନରେଟ ପୁଲିସ୍ ଆଉ ୭ ଦିନିଆ ରିମାଣ୍ଡ ଆବେଦନ କରିଥିବା ଜଣାଯାଇଛି।ଏଥିସହ ପୁଲିସ୍ ଆସାଦୁର ବିରୋଧରେ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଯଥେଷ୍ଟ ପ୍ରମାଣ ସଂଗ୍ରହ ହେଲେ ଆସାଦୁରକୁ ଗିରଫ ନିମନ୍ତେ କମିଶନରେଟ ପୁଲିସ୍ ଇଣ୍ଟରପୋଲର ସହାୟତା ଲୋଡ଼ିପାରେ ବୋଲି ଚର୍ଚ୍ଚା ହେଉଛି।

## ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



### ପରଦା ଖବର

## ମର୍ଦାନି ୩' ; ପୁଣି ଥରେ ନଜର ଆସିବେ ରାଣୀ

ଖୁବ୍ ଶୀଘ୍ର ଆସୁଛି 'ମର୍ଦାନି ଫିଲ୍ମର ୩ ସିରିଜ୍ । ପୁଣି ଥରେ ଶିବାନୀ ଶିବାଜୀ ରୟଙ୍କ ଭୂମିକାରେ ନଜର ଆସିବେ ବଲିଉଡ ଅଭିନେତ୍ରୀ ରାଣୀ ମୁଖାର୍ଜୀୟ ଯଶରାଜ ଫିଲ୍ମସ୍ ଏନେଇ ଘୋଷଣା କରିଛି । ଅଗଷ୍ଟ ୨୨ରେ ଏହି ଫିଲ୍ମ ୧୦ ବର୍ଷ ପୂରଣ କରିଛି। ରାଣୀ ମୁଖାର୍ଜୀ ପୁଣି ଥରେ ମୁମ୍ବାଇ କ୍ରାଇମ ବ୍ରାଞ୍ଚର ସିନିୟର ଇନ୍ସପେକ୍ଟର ଶିବାନୀ ଶିବାଜୀ ରୟଙ୍କ ଭୂମିକାରେ ନଜର ଆସିବେ। ଏହି ଅବସରରେ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । 'ମର୍ଦାନି' ହିନ୍ଦୀ ସିନେମାର ସବୁଠାରୁ ସଫଳ ମହିଳା ନେତୃତ୍ୱାଧୀନ ଫ୍ରାଞ୍ଚାଇଜ୍ ଏବଂ ଲୋକପ୍ରିୟ ଚଳଚ୍ଚିତ୍ର ଅଟେ । କମ୍ପାନୀ ଏହାର ପରବର୍ତ୍ତୀ ଅଧ୍ୟାୟର ଝଲକକୁ ଶେୟାର କରିଛି । ୨୦୧୪ରେ 'ମର୍ଦାନି'ର ପ୍ରଥମ ଭାଗ ରିଲିଜ୍ ହୋଇଥିଲା ଏବଂ ଏହାର ସିକ୍ୱେଲ୍ ମଧ୍ୟ ୨୦୧୯ରେ ଆସିଥିଲା । ଉଭୟ ଚଳଚ୍ଚିତ୍ର ବକ୍ସ ଅଫିସରେ ଜବରଦସ୍ତ ଧମାକା କରିଥିଲା। ଚଳଚ୍ଚିତ୍ର ଖୁବ୍ ଲୋକପ୍ରିୟତା ହାସଲ କରିଥିଲା।ଏହି ଫିଲ୍ମରେ ରାଣୀ ମୁଖାର୍ଜୀ ଶିବାନୀ ଶିବାଜୀ ରୟଙ୍କ ଭୂମିକାରେ ଅଭିନୟ କରଛନ୍ତି, ଜଣେ ର୍ନିଭୀକ ଏବଂ ସାହସୀ ପୁଲିସ ଭୂମିକାରେ ନଜର ଆସିଥିଲେ । ତାଙ୍କ ଅଭିନୀତ 'ମର୍ଦାନି' ଚଳଚ୍ଚିତ୍ର ରାଣୀ ଓ ଆଦିତ୍ୟ ଚୋପ୍ରାଙ୍କ ବିବାହ ପରେ ହିଁ ମୁକ୍ତିଲାଭ କରିଥିଲାୟ ରାଣୀଙ୍କ ଜବରଦସ୍ତ ଅଭିନୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ବଢୁଥିବା ଦୁଷ୍କର୍ମ ସମସ୍ୟାକୁ ନେଇ ଦ୍ୱିତୀୟ ଭାଗର କାହାଣୀ ଆଧାରିତ ଥିଲା।




## ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା



ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ତେବେ ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଦ ପୁରାଣରେ ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧ୍ୟମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି । ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।

## ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।

## ଗୋସେବା ଦ୍ୱାରା ପୂଣ୍ୟ ଲାଭ କଲେ ରାଜା ଦିଲୀପ

ସୂର୍ଯ୍ୟ ତଥା ଇକ୍ଷାକୁ ବଂଶରେ ଦିଲୀପ ନାମରେ ଜଣେ ରାଜା ଥିଲେ । ସେ ଅତ୍ୟନ୍ତ ପ୍ରଜାନୁରଞ୍ଜକ, ଧର୍ମପରାୟଣ ଏବଂ ଉଦାର ରାଜା ଥିଲେ। ଯୁଦ୍ଧ କ୍ଷେତ୍ରରେ ତାଙ୍କ ପରାକ୍ରମ ଅସୀମ ଥିଲା। କିନ୍ତୁ ତାଙ୍କ ହୃଦୟରେ କରୁଣା ପୂରି ରହିଥିଲା। ସର୍ବଦା ସେ ଧର୍ମ ଆଚରଣ କରୁଥିଲେ। ଦିଲୀପଙ୍କ ଅନ୍ୟ ନାମ ଥିଲା ଖଟୱାଙ୍ଗ। ରାଜା ଦିଲୀପ ଏକଦା ଦେବତାମାନଙ୍କ ପକ୍ଷରୁ ଯୁଦ୍ଧ କରିବା ଲାଗି ସ୍ୱର୍ଗପୁରୀକୁ ଯାଇଥିଲେ। ସେଠାରେ ସେ ଗୋମାତା କାମଧେନୁଙ୍କୁ ଭୁଲବଶତଃ ଦେଖିନପାରି ଚାଲିଗଲେ। କାମଧେନୁ ଭାବିଲେ ରାଜା ଦିଲୀପ ତାଙ୍କୁ ଅପମାନିତ କରିଛନ୍ତି, ତେଣୁ ସନ୍ତାନହୀନ ହୋଇଯିବାକୁ ସେ ରାଜାଙ୍କୁ ଅଭିଶାପ ଦେଲେ। ରାଜା ଚିନ୍ତିତ ହୋଇ ଗୋମାତା କାମଧେନୁଙ୍କୁ କ୍ଷମା ପ୍ରାର୍ଥନା କଲେ । କାମଧେନୁ କହିଲେ, ମୋର କନ୍ୟା ନନ୍ଦିନୀ ବ୍ରହ୍ମର୍ଷି ବଶିଷ୍ଠଙ୍କ ଆଶ୍ରମରେ ଅଛନ୍ତି, ତୁମେ ତାଙ୍କର ସେବା କରିବା ଦ୍ୱାରା ଶାପମୁକ୍ତ ହୋଇପାରିବ। ସୂର୍ଯ୍ୟବଂଶର କୁଳଗୁରୁ ଥିଲେ ବଶିଷ୍ଠ। ତେଣୁ ତାଙ୍କ ଠାରୁ ଆଜ୍ଞା ଲାଭ କରି ରାଜା ଦିଲୀପ ଆସି ନନ୍ଦିନୀ ଗୋମାତାଙ୍କ ସେବା କଲେ। ଦିଲୀପଙ୍କ ପତ୍ନୀ ସୁଦକ୍ଷୀଣା ମଧ୍ୟ ତାଙ୍କୁ ସହାୟତା କଲେ। ରାଜା-ରାଣୀ ଦୁହେଁ ଆଶ୍ରମରେ ରହିଲେ ଏବଂ ପ୍ରତିଦିନ ଗୋ ମାତାଙ୍କୁ ସେବା କଲେ। ରାଜା ଗୋମାତା ନନ୍ଦିନୀଙ୍କୁ ଜଙ୍ଗଲକୁ ଚରାଇବାକୁ ନେଉଥିଲେ। ସନ୍ଧ୍ୟାରେ ଆଶ୍ରମକୁ ଫେରାଇ ଆଣି ଗୁରୁଙ୍କ ଆଜ୍ଞାକ୍ରମେ କ୍ଷୀର ଦୁହୁଁଥିଲେ। ଏପରିକି ନନ୍ଦିନୀ ଯେଉଁ ସ୍ଥାନରେ ଶୋଉଥିଲେ, ସେଠାରେ ହିଁ ରାଜା ନିଜର ବିଛଣା ପାରି ବିଶ୍ରାମ ନେଉଥିଲେ। ଏମିତି ୨୧ ଦିନ ପର୍ଯ୍ୟନ୍ତ ରାଜା ଦିଲୀପ ଗୋସେବା ଜାରି ରଖିଲେ।

୨୨ତମ ଦିନ ରାଜା ଗୋମାତା ନନ୍ଦିନୀଙ୍କୁ ନେଇ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଏହି ସମୟରେ କୁଆଡୁ ଏକ ସିଂହ ଆସି ନନ୍ଦିନୀ ଗୋମାତାଙ୍କ ଉପରକୁ ଝପଟି ପଡ଼ିଲା। ରାଜା ଧନୁ-ଶର ଉଠାଇ ସେହି ସିଂହକୁ ମାରିବାକୁ ଉଦ୍ୟତ ହେଲେ। ମାତ୍ର ଆଶ୍ଚର୍ଯ୍ୟର କଥା ତାଙ୍କ ହାତ ଧନୁରେ ସେମିତି ସ୍ଥିର ହୋଇଗଲା। ଆଉ ଆଗକୁ ବଢ଼ିଲା ନାହିଁ। ରାଜା କ'ଣ କରିବେ କିଛି ବୁଝିପାରିଲେ ନାହିଁ। ଏହି ସମୟରେ ସେହି ସିଂହ ମଣିଷଙ୍କ ଭଳି କଥା କହୁଥିବା ରାଜା ଶୁଣିପାରିଲେ। ସିଂହ କହୁଥିଲା ଯେ "ରାଜନ! ତୁମର ଅସ୍ତ୍ର ମୋର କୌଣସି କ୍ଷତି କରିପାରିବ ନାହିଁ। କାରଣ ମୁଁ ହେଉଛି ଭଗବାନ ଶଙ୍କରଙ୍କ ସେବକ କୁମ୍ଭୋଦର। ଏହି ବୃକ୍ଷଗୁଡ଼ିକର ସେବା ଲାଗି ଭଗବାନ ଶିବ ମୋତେ ନିଯୁକ୍ତ କରିଛନ୍ତି। ତୁମର ଶର ମୋତେ ମାରିପାରିବ ନାହିଁ। ଯେଉଁ ଜୀବ ଏହି ବୃକ୍ଷଗୁଡ଼ିକ ନିକଟକୁ ଆସିବ ସେ ମୋର ଆହାର ହେବ। ଆଜି ଏ ଗାଈ ମୋର



ଆହାର ହେବ, ତେଣୁ ତୁମେ ଫେରିଯାଅ। ରାଜା କହିଲେ, ହେ ସିଂହରାଜ! ଯେପରି ଭଗବାନ ଶଙ୍କରଙ୍କ ଏହି ବୃକ୍ଷର ସୁରକ୍ଷା ଦାୟିତ୍ୱ ଆପଣଙ୍କର, ସେହିପରି ଗୁରୁଦେବଙ୍କ ଗାଈର ରକ୍ଷା କରିବା ମୋର ମଧ୍ୟ କର୍ତ୍ତବ୍ୟ। ଆପଣଙ୍କୁ ଆହାର ଦରକାର, ତେଣୁ ମୁଁ ନିଜ ଶରୀର ଆପଣଙ୍କୁ ସମର୍ପି ଦେଉଛି। ଆପଣ ମୋତେ ଖାଇ ନିଜ କ୍ଷୁଧା ଶାନ୍ତ କରନ୍ତୁ। ଗୋମତା ନନ୍ଦିନୀଙ୍କୁ ଛାଡ଼ିଦିଅନ୍ତୁ। କାରଣ ଏହାଙ୍କ ଛୋଟ ବାଛୁରୀ ତାଙ୍କୁ ଅପେକ୍ଷା କରିଛି।ସିଂହ ରାଜାଙ୍କୁ ବୁଝାଇବାକୁ ଅନେକ ଚେଷ୍ଟା କଲା, ମାତ୍ର ରାଜା କିଛି ଶୁଣିଲେ ନାହିଁ। ସେ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସିଂହ ସମ୍ମୁଖରେ ଆଖି ବନ୍ଦ କରି ବସିରହିଲେ। ରାଜା ମୃତ୍ୟୁକୁ ଅପେକ୍ଷା କରିଥିଲ, କିନ୍ତୁ ତାଙ୍କୁ ନନ୍ଦିନୀଙ୍କ ଅମୃତବାଣୀ ଶୁଣିବାକୁ ମିଳିଲା- ବତ୍ସ! ଉଠ, ତୁମ ପରୀକ୍ଷା ପୂରଣ ହୋଇସାରିଛି। ମୁଁ ତୁମ ଉପରେ ଅତ୍ୟନ୍ତ ପ୍ରସନ୍ନ, ଯାହାକିଛି ବରଦାନ ଚାହୁଁଛ, ମାଗିପାର। ରାଜା ଆଖି ଖୋଲିବାରୁ ଆଗରେ ଗୋମାତା ନନ୍ଦିନୀଙ୍କୁ ଦେଖିପାରିଲେ। ସିଂହ ସେଠାରେ ନଥିଲା। ରାଜା ନିଜ ବଂଶ ଆଗକୁ ବଢ଼ାଇବା ଲାଗି ପୁତ୍ର ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କଲେ। ଗୋମାତା ନନ୍ଦିନୀ କହିଲେ, ତୁମେ ମୋର କ୍ଷୀର ଦୁହିଁ ପିଇଦିଅ। ତା'ପରେ ତୁମେ ପୁତ୍ରଲାଭ କରିବ।ରାଜା କହିଲେ, ମାତା! ଆପଣଙ୍କ କ୍ଷୀରର ପ୍ରଥମ ଅଧିକାର ଆପଣଙ୍କ ବାଛୁରୀର। ଏହାପରେ ଗୁରୁଦେବ ବଶିଷ୍ଠ ତାହା ପ୍ରାପ୍ତ କରିପାରିବେ। ତା'ପୂର୍ବରୁ କିମ୍ବା ଗୁରୁଦେବଙ୍କ ଅନୁମତି ବିନା ମୁଁ ଆପଣଙ୍କ କ୍ଷୀର ପିଇପାରିବି ନାହିଁ। ଆପଣ ମୋତେ କ୍ଷମା କରନ୍ତୁ।ଗୋମାତା ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ- ତଥାସ୍ତୁ!

ସନ୍ଧ୍ୟାକାଳରେ ଆଶ୍ରମକୁ ଫେରି ରାଜା ଗୁରୁଦେବ ବଶିଷ୍ଠଙ୍କୁ ସବୁକଥା ଶୁଣାଇଲେ। ଗୁରୁଦେବ ଗୋଦହନ ପରେ ନିଜ ହାତରେ ରାଜା ଏବଂ ରାଣୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ କ୍ଷୀର ପିଇବାକୁ ଦେଲେ। ଗୌସେବା ଏବଂ ଦୁଗ୍ଧପାନ କରିବା ପରେ ରାଜା ଏବଂ ରାଣୀ ରାଜଭବନକୁ ଫେରିଆସିଲେ। କିଛିଦିନ ପରେ ରାଣୀ ଗର୍ଭବତୀ ହେଲେ। ତାଙ୍କର ଜଣେ ପୁତ୍ର ଜାତ ହେଲା। ଯାହାଙ୍କ ନାଁ ରଖାଗଲା- ରଘୁ- ଅର୍ଥାତ୍ ଯିଏ ଶାସ୍ତ୍ରଜ୍ଞାତା ଏବଂ ଯୁଦ୍ଧକ୍ଷେତ୍ରରେ ଯାହାଙ୍କ ସମ୍ମୁଖରେ ଶତ୍ରୁମାନେ ଛିଡ଼ା ହେବାକୁ ମଧ୍ୟ ଭୟ କରିଥା'ନ୍ତି। ସୂର୍ଯ୍ୟବଂଶର ଅତ୍ୟନ୍ତ ପ୍ରଭାବଶାଳୀ ରାଜା ଥିଲେ ରଘୁ। ଥରେ ରାଜା ଦିଲୀପ ୧୦୦ ଅଶ୍ୱମେଧ ଯଜ୍ଞ କରିବାକୁ ବାହାରିଲେ। ମାତ୍ର ଯଜ୍ଞ ଆୟୋଜନ ସମୟରେ ଦେବରାଜ ଇନ୍ଦ୍ର ନାନା ବାଧାବିଘ୍ନ ଉତ୍ପନ୍ନ କରିବା ଲାଗି ପ୍ରୟାସ କଲେ। କାରଣ ଇନ୍ଦ୍ର ଭୟ କରୁଥିଲେ ଯେ ୧୦୦ ଯଜ୍ଞ କରିସାରିବା ପରେ ରାଜା ଦିଲୀପ ତାଙ୍କ ସିଂହାସନକୁ ଦଖଲ କରିନେବେ। ହେଲେ ରଘୁ ବୀରତ୍ୱର ସହିତ ସବୁ ବାଧାବିଘ୍ନକୁ ଦୂର କରିବାରେ ସଫଳ ହେଲେ। ରାଜା ଦିଲୀପଙ୍କ ଯଜ୍ଞ ସଫଳ ହେଲା। ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ନିଜ ପୁତ୍ରଙ୍କୁ ରାଜସିଂହାସନ ଅର୍ପଣ କରି ତପସ୍ୟା କରିବା ଲାଗି ଜଙ୍ଗଲକୁ ଚାଲିଯାଇଥିଲେ ।

## ବିଭିନ୍ନ ସମସ୍ୟାର ମୁକ୍ତି ପାଇଁ ବ୍ୟବହାର କରନ୍ତୁ 'ବେବି ପାଉଡର'

ଘରେ ଛୋଟ ପିଲାଙ୍କ ପାଇଁ ସାଧାରଣତଃ ବେବି ପାଉଡର ପ୍ରାୟ ସମସ୍ତେ ବ୍ୟବହାର କରିଥାନ୍ତି । ଶିଶୁଙ୍କ ସ୍କିନ ଖୁବ୍ କୋମଳ ଥିବାରୁ ଇଆଡୁ ସିଆଡୁ ପାଉଡର ବଦଳରେ 'ବେବି ପାଉଡର' ବ୍ୟବହାର ପାଇଁ



ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି। ତେବେ 'ବେବି ପାଉଡର'କୁ କେବଳ ଶିଶୁଙ୍କ ପାଇଁ ନୁହେଁ,ବୟସ୍କମାନେ ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇଁ ନିଜେ ବ୍ରବହାର ମଧ୍ୟ କରିପାରିବେ । ଏବେ ଆସନ୍ତୁ ଜାଣିବା, ବୟସ୍କମାନେ ଅନ୍ୟ କେଉଁ ସବୁ କାମ ପାଇଁ 'ବେବି ପାଉଡର' ବ୍ୟବହାର କରିପାରିବେ ।

◆ ଯଦି ଆପଣଙ୍କ କେଶ ଅଧିକ ତେଲିଆ ଲାଗି ଚିପ୍‌ଚିପ୍ କରୁଛି ଓ ଏହାକୁ ଶାମ୍ପୁ କରିବା ପାଇଁ ଆପଣଙ୍କ ସମୟ ନାହିଁ,ତେବେ କେଶରେ କିଛି ବେବି ପାଉଡର ଛିଞ୍ଚି ଦିଅନ୍ତୁ କିମ୍ବା ପାନିଆରେ କିଛି ବେବି ପାଉଡର ଲଗାଇ ମୁଣ୍ଡ କୁଣ୍ଡାଇ ଦିଅନ୍ତୁ । ଏଡାଦ୍ୱାରା ଚିପ୍‌ଚିପ୍ ଦୂର ହୋଇଯିବ ।

◆ ଆଖି କଜଳ କିମ୍ବା ପିତାରେ ମସ୍କରା ଲଗାଇ ସାରିବା ପରେ ତା'ର ଆଖପାଖ ଅଂଶରେ କିଛି ବେବି ପାଉଡର ମାଲିସ୍ କରି ଦିଅନ୍ତୁ। ଏଭଳି କଲେ,ମସ୍କରା ଆଉ ଆଖିସାରା ବୋଳି ହୋଇଯିବାର ଆଶଙ୍କା ରହିବ ନାହିଁ ।

◆ ଆପଣ ଯଦି ଓଠକୁ 'ମ୍ୟାଟ ଲୁକ୍' ଦେବାକୁ ଚାହୁଁଛନ୍ତି, କିନ୍ତୁ ଆପଣଙ୍କ ପାଖରେ ମ୍ୟାଟ ବଦଳରେ କେବଳ ଗ୍ଲସି ଲିପଷ୍ଟିକ ଅଛି,ତେବେ ବି ଚିନ୍ତା କରନ୍ତୁ ନାହିଁ। ଓଠରେ ଗ୍ଲସି ଲିପଷ୍ଟିକ୍ ଲଗାଇବା ପରେ ଏହା ଉପରେ ଟିକେ ବେବି ପାଉଡର ଥାପି ଥାପି ଲଗାନ୍ତୁ । ଏହାପରେ ଏକ ଟିସୁ ପେପରକୁ ଦୁଇ ଓଠ ମଝିରେ ରଖି ଚାପି ଦିଅନ୍ତୁ, ଦେଖିବେ ଆପଣଙ୍କ ଓଠକୁ 'ମ୍ୟାଟ ଲୁକ୍' ମିଳିଯିବ।

◆ ଖରାଦିନେ ଅନେକଙ୍କ ପାଦରୁ ଝାଳ ବାହାରି ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଆପଣଙ୍କ କ୍ଷେତ୍ରରେ ଯଦି ଏମିତି କିଛି ହେଉଛି, ତେବେ କିଛି ବେବି ପାଉଡର ଜୋତା ଭିତରେ ଛିଞ୍ଚି ଦିଅନ୍ତୁ। କିଛି ସମୟ ପରେ ଆପଣଙ୍କ ଜୋତାରୁ ଦୁର୍ଗନ୍ଧ ବାହାରିବା ବନ୍ଦ ହୋଇଯିବ ।

◆ ଅନେକ ସମୟରେ ଅସାବଧାନତା ଯୋଗୁ ଆପଣଙ୍କ ମନପସନ୍ଦର ଡ୍ରେସ ବା ଅନ୍ୟ କପଡାରେ ପଡି ଦାଗ ହୋଇଯାଇଥାଏ । ଏହା ଦେଖିବାକୁ ଖରାପ ଲାଗିବା ସହ ଏଥିରୁ ତେଲିଆ ଗନ୍ଧ ମଧ୍ୟ ଆସିଥାଏ। କିଛି ବେବି ପାଉଡର ନେଇ ତେଲ ପଡିଥିବା ସ୍ଥାନରେ ଲଗାଇ ଘସି ଦିଅନ୍ତୁ । ଏହାପରେ କପଡାକୁ ସଫା କରି ଦିଅନ୍ତୁ,ଦେଖିବା ତେଲ ଦାଗ ସମ୍ପୂର୍ଣ୍ଣ ଚାଲିଯିବ।

# ହିଣ୍ଡେନବର୍ଗ ରିପୋର୍ଟ ନେଇ ଇଡି ଅଫିସ୍ ଘେରିଲା କଂଗ୍ରେସ

ଭୁବନେଶ୍ୱର,୨୨।୮ (ମହାଭାରତ): ହିଣ୍ଡେନବର୍ଗ ଅନୁସନ୍ଧାନ ରିପୋର୍ଟ ନେଇ ଗୁରୁବାର କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଇଡ଼ି ଅଫିସ୍ ଘେରାଉ କରାଯାଇଛି। ଏଆଇସିସିର ଆହ୍ୱାନକ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ମଧ୍ୟ ଭୁବନେଶ୍ୱର ସ୍ଥିତ ଇଡି ଅଫିସ୍ ଘେରାଉ କରାଯାଇଛି। ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଇଡି ଅଫିସ୍ ଅଭିମୁଖେ ଯାଇଥିଲେ। ପୋଲିସ୍ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢୁଥିବା ବେଳେ ସୁରକ୍ଷାକର୍ମୀ ମାନେ ସେମାନଙ୍କୁ ଅଟକାଇଥିଲେ । ଫଳରେ ପୋଲିସ୍ ଏବଂ କଂଗ୍ରେସ ନେତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ବହୁସଂଖ୍ୟାରେ ଆନ୍ଦୋଳନକାରୀ ନେତାଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ ନିକଟରେ ହିଣ୍ଡେନବର୍ଗର ମହାଖୁଲାସା ଆଦାନୀ ମହାଘୋଟାଲାର ପର୍ଦାଫାଶ କରିଛି। ଆଦାନୀ ଓ ସେବୀର ମଧୁଚନ୍ଦ୍ରିକାରେ ଏହି ମହାଦୁର୍ନୀତି ସମ୍ଭବପର ହୋଇଛି। କଂଗ୍ରେସ ଏହି ମହାଦୁର୍ନୀତିର ଗୁମର ଖୋଲିବାପାଇଁ ଜେପିସି ତଦନ୍ତ ଦାବି କରିବା ସହ ସେବୀର ମୁଖ୍ୟ ମାଧବୀ ବୁଚ୍‌ଙ୍କ ଇସ୍ତଫା ଦାବିରେ ସାରା ଭାରତବର୍ଷରେ ଇ.ଡି ଅଫିସ ସମ୍ମୁଖରେ ଗଣବିକ୍ଷୋଭ ଓ ଇ.ଡି. ଅଫିସକୁ ଘେରାଉ କରିଛି। ଏହି କ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ଷ୍ଟିୟରିଂ କମିଟି ସଂଯୋଜକ ମହମ୍ମଦ ମୋକିମକଙ୍କ ନେତୃତ୍ୱରେ ଭୁବନେଶ୍ୱର ଇ.ଡି ଅଫିସ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର କହିଛନ୍ତି ଦେଶର ସାଧାରଣ ଜନତାଙ୍କ ଧନ ବ୍ୟାଙ୍କରେ ଜମା ରହୁଛି ସେହି ଜମାରାଶିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମିତ୍ର ଆଦାନୀଙ୍କ ହାତରେ ଟେକି ଦେଉଛନ୍ତି। ମୋଦିଙ୍କ ସହଯୋଗ ଓ ଆଦାନୀ ଓ ସେବୀ ମଧ୍ୟରେ ଥିବା ଗୁପ୍ତ ବୁଝାମଣା ଯୋଗୁଁ ଦେଶ ହଜାର ହଜାର କୋଟି ଟଙ୍କା କ୍ଷତି ସହୁଛି। ଏ ସମସ୍ତ ଅର୍ଥନୈତିକ ଅପରାଧ ଚାଲିଥିବା ବେଳେ ମୋଦି ସରକାର ଓ ଇଡି ଚୁପ ବସିଛନ୍ତି। ଇଡି କେବଳ ବିରୋଧି ଦଳର ନେତାଙ୍କୁ ଡରାଇବା, ଧମକାଇବା ଓ ଚାପ ପ୍ରୟୋଗ କରି ସେମାନଙ୍କ ସ୍ୱରକୁ ଦବାଇବା ପାଇଁ ମାଧ୍ୟମ ପାଲଟିଛି। ୨୫ ଜଣଙ୍କ ନେତାଙ୍କ ନାମରେ ଇଡି କେସ ଥିବା ବେଳେ ୨୩ ଜଣ ବିଜେପିରେ ସାମିଲ ହେଲା ପରେ କେସ ସବୁ ପ୍ରାୟତଃ ବନ୍ଦ ହୋଇଛି। ଏହା ସହ ଶ୍ରୀ ମୋଦି ଆଦାନୀଙ୍କ ହାତରେ ଦେଶର ସମ୍ପତିମାନ ଯଥା ଏୟାରପୋର୍ଟ, ରେଲୱେ ଷ୍ଟେସନ ଇତ୍ୟାଦି ବିକ୍ରୀ କରୁଛନ୍ତି। କେନ୍ଦ୍ରରେ ୧୦ ବର୍ଷ ଧରି ଶାସନ କରୁଥିବା ମୋଦି ସରକାର ବଡ଼ ବଡ଼ ଉଦ୍ୟୋଗପତିଙ୍କ ଦ୍ୱାରା ପରିଚାଳିତ। ବିଏସଏନଏଲକୁ ବୁଡ଼ାଇ ଅମ୍ବାନୀଙ୍କୁ ଲାଭ ପହଂଚାଇବା ପାଇଁ ଯଥା ସମ୍ଭବ ଉଦ୍ୟମ କରିବା ଫଳରେ ଆଜି ମୋବାଇଲ ରିଚାର୍ଜ ବି ମହଙ୍ଗା। ମୋଦି ସରକାର ଏସସି, ଏସଟି ଓ ଓବିସି ମାନଙ୍କ ସଂରକ୍ଷଣ ବ୍ୟବସ୍ଥାକୁ ଖତମ କରିବାପାଇଁ ଷଡ଼ଯନ୍ତ୍ର ରଚୁଛି। ଦେଶ ଆଜି ମହଙ୍ଗା ମାଡ଼ରେ ହନ୍ତସନ୍ତ ହେଉଥିବା ବେଳେ ସରକାର ଆରାମ କରୁଛନ୍ତି। ଜନତାଙ୍କୁ ଧର୍ମ ନାମରେ ବିଦ୍ୱେଷର ବିଷ ମଞ୍ଜି ବୁଣିବାପାଇଁ ବିଜେପି ଅପ୍ରାଣ ଉଦ୍ୟମ କରୁଛି। କିନ୍ତୁ ଦେଶରେ ଗୋଟିଏ ନେତା ଏହି ସାମ୍ପ୍ରଦାୟୀକ ଶକ୍ତି ବିରୋଧରେ "ଡରୋମତ" ର ନାରା ଦେଇ ସେମାନଙ୍କ ସହ ଠିଆ ହୋଇଛନ୍ତି। ଶ୍ରୀ କୁମାର ଆହୁରି ମଧ କହିଛନ୍ତି ଯେ ଅଗାମୀ ୨୦୨୯ ରେ ଦେଶରେ କଂଗ୍ରେସର ସରକାର ଓ ରାଜ୍ୟରେ କଂଗ୍ରେସ ସରକାର ହେବାକୁ ଯାଉଛି। ସମସ୍ତ ରାଜ୍ୟ, ଜିଲ୍ଲା, ବ୍ଲକ ନେତୃବୃନ୍ଦ ଓ କର୍ମୀ ମାନଙ୍କୁ ଆହ୍ୱାନ କରି କହିଛନ୍ତି ଆଜି ଠାରୁ ଲଢ଼େଇ ଆରମ୍ଭ ହେଲା। ୫ ବର୍ଷ ଯୋରଦାର ସଂଘର୍ଷ ଓ ଲଢ଼େଇ କରିବା ତାହାର ଫଳ ୨୦୨୯ରେ ପାଇବା।

ପିସିସି ଷ୍ଟିୟରିଂ କମିଟିର ସଂଯୋଜକ ବରିଷ୍ଠ ନେତା ଇଂ ମହମ୍ମଦ ମୋକିମ ଇଡିର ବିରୋଧି ଦଳର ନେତାମାନଙ୍କ ପ୍ରତି ଏକପାଖିଆ ତଦନ୍ତ ଓ ବିଜେପି ନେତାମାନଙ୍କୁ ଖୁଲମଖୁଲା ଛୁଟ୍ ଦେବା ଗଣତନ୍ତ୍ର ପ୍ରତି ଅପମାନ ବୋଲି କହିଛନ୍ତି। ମୋଦି ସରକାର ଆସିବା ପରେ ଇଡି, ସିବିଆଇ, ଆଇଟି ସରକାରଙ୍କ ଅସ୍ତ୍ରଭାବେ ବ୍ୟବହାର କରାଯାଉଛି। ଦେଶରେ ଗଣତନ୍ତ୍ର, ସମ୍ବିଧାନ ବିପଦରେ ପଡ଼ିଛି ତାର ସୁରକ୍ଷାର ଦାୟିତ୍ୱ କଂଗ୍ରେସ ନେବ ବୋଲି ଶ୍ରୀ ମୋକିମ କହିଛନ୍ତି।

ଗଣବିକ୍ଷୋଭ କାର୍ଯ୍ୟକ୍ରମ ପରେ ସାରା ରାଜ୍ୟରୁ ଆସିଥିବା ହଜାର ହଜାର କଂଗ୍ରେସ କର୍ମୀଙ୍କ ସହ ପ୍ରଭାରୀ ଅଜୟ କୁମାର କାର୍ଯ୍ୟକ୍ରମ ସଂଯୋଜକ ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଛାତ୍ର, ଯୁବ, ମହିଳା ଓ ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ନେତାମାନଙ୍କ ସହ ଏକ ବିଶାଳ ରାଲି ଇଡି ଅଫିସ ଅଭିମୁଖେ ବାହାରିଥିଲା। ।

ଏହି କାର୍ଯ୍ୟକ୍ରମରେ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ଦଳର ଉପନେତା ଅଶୋକ ଦାସ, ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଶରତ ରାଉତ, ରାମଚନ୍ଦ୍ର ଖୁଂଟିଆ, ଜଗନ୍ନାଥ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା କଂଗ୍ରେସ ସଭାପତି, ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ, ବ୍ଲକ କଂଗ୍ରେସ କମିଟି ସଭାପତି, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ନେତୃବୃନ୍ଦଙ୍କ ଙ୍କ ସମେତ ହଜାର ହଜାର କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ୪୦ ଲକ୍ଷ ଟଙ୍କାର ସାଇବର ଠକେଇ

ଭୁବନେଶ୍ୱର,୨୨।୮ (ମହାଭାରତ): ରାଜଧାନୀରେ ପୁଣି ବଡ଼ ଧରଣର ସାଇବର ଠକେଇ ହୋଇଛି। ଡିଜିଟାଲ ଆରେଷ୍ଟ ନାଁରେ ଦିନକରେ ୨ଜଣଙ୍କ ଠାରୁ ୪୦ଲକ୍ଷ ଚଳୁ କରି ଦେଇଛନ୍ତି ସାଇବର ଠକ। ସୁପ୍ରମକୋର୍ଟଙ୍କ ନକଲି ଆରେଷ୍ଟ ୱାରେଣ୍ଟ ଆଦେଶ ଦେଖାଇ ଜଣଙ୍କଠୁ ୨୫ ଲକ୍ଷ ଠକି ନେଇଥିବା ବେଳେ ଅନ୍ୟ ଜଣଙ୍କୁ ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଧିକାରୀ ପରିଚୟ ଦେଇ ୧୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଠକାମିର ଶିକାର ଚନ୍ଦ୍ରଶେଖରପୁର ଅଞ୍ଚଳର ଉଭୟ ଯୁବକ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଜଣେ ଯୁବକଙ୍କୁ ୯୯୫୪୯୪୫୧୪୪ ନମ୍ବରରୁ ମୁମ୍ବାଇ କ୍ରାଇମ୍ବ୍ରାଞ୍ଚ ଅଧିକାରୀ ନାମରେ ଫୋନ୍ ଆସିଥିଲା। ଯେଉଁଥିରେ ତାଙ୍କ ନାଁରେ ଥିବା ପାର୍ଶଲରେ ଡ୍ରଗସ୍ ଥିବା କୁହାଯାଇଥିଲା। ପରେ ତାଙ୍କ ସହ ପାଖାପାଖି ୧ଘଣ୍ଟାର ଭିଡିଓ କଲ୍ କରି ୧୫ ଲକ୍ଷ ଟଙ୍କା ସଫା କରିଥିଲେ ସାଇବର ଠକ। ସେହିପରି ୬୩୬୬୬୯୮୯୬୦ ନମ୍ବରୁ ଆଉ ଜଣେ ବ୍ୟକ୍ତିଙ୍କୁ କଲ୍ ଆସିଥିଲା। ସେଥିରେ ଠକ ଜଣକ ନିଜକୁ ମୁମ୍ବାଇ ପୁଲିସ ଦର୍ଶାଇ ଭିଡିଓ କଲ୍ ଜରିଆରେ ଯୁବକଙ୍କୁ ତାଙ୍କ କ୍ରେଡିଟ କାର୍ଡରେ ମନି ଲଣ୍ଡରିଂ ହୋଇଥିବା କହିଥିଲେ। ଏକାଧିକ ଦଫା ଲାଗିଥିବା ସୁପ୍ରିମକୋର୍ଟଙ୍କ ନକଲି ଗିରଫନାମା ଦେଖାଇ ତାଙ୍କୁ ଧମକ ଦେବା ସହ ତାଙ୍କର ଆକାଉଣ୍ଟ ଚେକ୍ କରିଥିଲେ। ୪୦ ମିନିଟ ଭିଡିଓ କଲ୍ କରି ଆର୍ଟିଜିଏସ୍ ଦ୍ୱାରା ୨୫ଲକ୍ଷ ଟଙ୍କା ଠକି ନେଇଯାଇଥିଲେ ସାଇବର ଲୁଟେରା। ଏଭଳି ଠକେଇକୁ ନେଇ ସତର୍କ କରିଛନ୍ତି ପୁଲିସ କମିଶନର ସଞ୍ଜୀବ ପଣ୍ଡା। ଏପରି କଲରୁ ଦୂରରେ ରହି ପ୍ରଥମେ ୧୯୩୦କୁ କଲ୍ କରିବାକୁ ପରାମର୍ଶ ଦେଇଛନ୍ତି।

# ଓଏଏସ୍ ଶିକ୍ଷାନବୀଶଙ୍କ ପ୍ରଶିକ୍ଷଣ ଆରମ୍ଭ



ଭୁବନେଶ୍ୱର,୨୨।୮ (ମହାଭାରତ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଓଏଏସ୍ ୨୦୨୧ ବ୍ୟାଚ୍ ଶିକ୍ଷାନବୀଶଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ତଥା ଆଇଏଏସ୍ ଜି ମାଥି ବାଥନନ ଏହି ଉତ୍ସବକୁ ପରିଚାଳନା କରିଥିଲେ। ୨୦୧୭ ବ୍ୟାଚର ଜଣେ ଶିକ୍ଷାନବୀଶଙ୍କ ସମେତ ମୋଟ ୪୮ ଜଣ ଶିକ୍ଷାନବୀଶ ଏହି ପ୍ରଶିକ୍ଷଣରେ ଯୋଗ ଦେଇଛନ୍ତି। ଏହି ଶିକ୍ଷାନବୀଶମାନଙ୍କ ମଧ୍ୟରୁ ୨୦ ଜଣ ମହିଳା ଅଛନ୍ତି, ଯାହା ରାଜ୍ୟର ପ୍ରଶାସନିକ ସେବାରେ ମହିଳାଙ୍କ ଅଧିକ ଅଂଶଗ୍ରହଣକୁ ଦର୍ଶାଉଛି। ମୁଖ୍ୟ ଅତିଥି ତଥା ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଏହି ଯୁବ ଅଧିକାରୀ ପ୍ରଶିକ୍ଷଣାର୍ଥୀଙ୍କ ଠାରୁ ରାଜ୍ୟ କ'ଣ ଆଶା କରୁଛି ସେ ବିଷୟରେ ନିଜର ମତବ୍ୟକ୍ତ କରିଥିଲେ। ବିଭିନ୍ନ ପଦବୀ ଓ ଦାୟିତ୍ୱରେ ନିଜ କ୍ୟାରିୟରର ଅନେକ ଉଦାହରଣ ଦେଇ ସେ କହିଛନ୍ତି ଯେ ପରିବର୍ତ୍ତନ ଆଣିବା ଏତେ ସହଜ ନୁହେଁ ଏବଂ ଆହ୍ୱାନର ମୁକାବିଲା, ସମ୍ବଳର ବିକାଶ ଏବଂ ଅଭିବୃଦ୍ଧି ସୂଚକାଙ୍କରେ ଉନ୍ନତି ମାଧ୍ୟମରେ ପରିବର୍ତ୍ତନ ଆସିଥାଏ। ସେ କହିଥିଲେ ଯେ କମ୍ ବୟସରେ ଅଧିକାରୀମାନେ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବେ। ଏହି ପରିପ୍ରେକ୍ଷୀରେ ୨୦୩୬ ସୁଦ୍ଧା ଓଡ଼ିଶା ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା ପାଇଁ ପଥ ପ୍ରସ୍ତୁତ ହୋଇଛି ଏବଂ ଅମଲାତନ୍ତ୍ର ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ କରିବ ବୋଲି ସେ କହିଥିଲେ। ସାମ୍ବିଧାନିକ ଭାବେ ନିର୍ଦ୍ଧାରିତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରଶାସନ ଭିତରେ ଅଧିକ ଜଟିଳତା ରହିଛି ବୋଲି ସେ କହିଛନ୍ତି।

# ବିଜେପିରେ ଯୋଗ ଦେଲେ ହିଞ୍ଜିଳିର ଶତାଧିକ ନିର୍ବାଚିତ ପ୍ରତିନିଧି

ଭୁବନେଶ୍ୱର,୨୨।୮ (ମହାଭାରତ): ବିଜେପି ସରକାର ଉପରେ ଓଡିଶାବାସିଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ପୁଣି ଥରେ ଲୋକଙ୍କ ମନରେ ଗଣତାନ୍ତ୍ରୀକ ବ୍ୟବସ୍ଥା ପ୍ରତି ବିଶ୍ୱାସ ସୁଦୃଢ ହୋଇଛି। ନିର୍ବାଚନ ପ୍ରତିଶୃତିକୁ ପୂରଣ କରିବା ଆରମ୍ଭ ହୋଇଛି ଏବଂ ଆଗାମୀ ଦିନରେ ସମସ୍ତ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରାଯିବ। ବିକଶିତ ଭାରତ ଗଠନରେ ଓଡିଶାର ଭୂମିକା ଗୁରୁତ୍ୱ ବହନ କରିବ। ଆଜିର ଏହି ମିଶ୍ରଣ ପର୍ବ ପାର୍ଟିର ସଂଗଠନକୁ ଆହୁରି ସୁଦୃଢ କରିବ। ଗତ ୨୪ବର୍ଷରେ ବିଜେଡି ସରକାର ହିଞ୍ଜିଳିରେ ଯାହା କରିନି ଆଗାମୀ ୫ବର୍ଷରେ ବିଜେପି ତାହା କରିଦେଖାଇବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ



ସାମଲଙ୍କ ଉପସ୍ଥିତିରେ ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ନେତୃତ୍ୱରେ ବିଜେଡିରୁ ବିଜେପିରେ ଯୋଗ ଦେଇଥିବା ରାମକୃଷ୍ଣ ମହାକୁଡଙ୍କ ସହଯୋଗରେ ସରପଂଚ ବିକାଶ ସେଠୀ, ବିଜୟ ବେହେରା, ସନ୍ତୋଷ ସାହୁ, ସୁରେଶ ବରଡ, କୃଷ୍ଣଚନ୍ଦ୍ର ସୁଆଁସିଆ, ଗୁରୁନାଥ ପୋଲାଇ, ଶିବାଜୀ ବିଶୋଇ, ସମିତିସଭ୍ୟ ଇପିଲି ରାଜା, ମାର୍କଣ୍ଡ ପାଣିଗ୍ରାହୀ ପ୍ରମୁଖ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଶେରଗଡ ବ୍ଲକର ସରପଂଚ ଉଦୟନାଥ ପ୍ରଧାନ, ପୂର୍ବତନ ସରପଂଚ ପଦ୍ମନାଭ ପାତ୍ର, ଧ୍ରୁବଚରଣ ନାୟକ, ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ଗୌଡ, ପୂର୍ବତନ ସରପଂଚ ଧର୍ନୁଧର ମଲ୍ଲିକ, ପୂର୍ବତନ ନାୟବ ସରପଂଚ ପ୍ରମୋଦ ବିଶୋଇ, ମୁକେଶ ସାହୁ, ପ୍ରତାପ ପ୍ରଧାନ, ତାପସ ପ୍ରଧାନ, ଜିତେନ୍ଦ୍ର ମହାରଣା, ସୁନନ୍ଦ ପାଢ଼ୀ, ସରପଂଚ ସଞ୍ଜୟ ଜେନା, ନନ୍ଦିକ ଗାଁର ପୂର୍ବତନ ବିଜେଡି ସରପଂଚ ରୋହିତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ମନୋଜ ପ୍ରଧାନ, ପୂର୍ବତନ ସରପଂଚ ହରିହର ଦାସ, ପୂର୍ବତନ ଉପାଧ୍ୟକ୍ଷ ଅଶୋକ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଯୋଗେନ୍ଦ୍ର ବେହେରା, ପୂର୍ବତନ ସରପଂଚ ପ୍ରକାଶ ବେହେରା, ପୂର୍ବତନ ସରପଂଚ ପ୍ରବୀଣ ପାଣିଗ୍ରାହୀ, ପୂର୍ବତନ ୱାର୍ଡମେମ୍ବର ପବିତ୍ର ପାଠୀ, ଝିଣ୍ଟୁ ପାଣିଗ୍ରାହୀ, ଏମ୍.ରାମମୂର୍ତ୍ତି, କେ. ପୁରୁଷତୋମ, ପି.ବାବୁ ରାଓଙ୍କ ସମେତ ଶତାଧିକ ବହୁ ବିଜେଡି ନେତା ଓ କର୍ମୀ ବିଜେଡି ଛାଡି ବିଜେପିରେ ଆନୁଷ୍ଠାନିକଭାବେ ଯୋଗ ଦେଇଛନ୍ତି।

# ଗଞ୍ଜାମ ସଡ଼କ ଦୁର୍ଘଟଣାର ତଦନ୍ତ ହେବ

ଭୁବନେଶ୍ୱର,୨୨।୮ (ମହାଭାରତ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ସମରଝୋଳ ଛକରେ ଆଜି ଭୋରରୁ ସଂଘଟିତ ସଡ଼କ ଦୁର୍ଘଟଣାରେ ଆହତ ହୋଇ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଭେଟିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ଚିକିତ୍ସିତମାନଙ୍କ ଗହଣରେ ପହଂଚି ସେମାନଙ୍କ ଚିକିତ୍ସା ସଂପର୍କରେ ପଚାରି ବୁଝିଥିଲେ ଏବଂ ଡାକ୍ତରମାନଙ୍କ ସହିତ କଥା ହୋଇଥିଲେ । ସେ ଆହତମାନଙ୍କ ଆଶୁ ଅରୋଗ୍ୟ କାମନା କରିଥିଲେ।

ଏପରି ଅଭାବନୀୟ ଘଟଣାରେ ୪ ଜଣ ମୃତ୍ୟୁବରଣ କରିଥିବାବେଳେ ୧୨ ଜଣ ଆହତ ହୋଇଥିବା କଥା ଦର୍ଶାଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ପ୍ରତି ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୨ ଲକ୍ଷ ଓ ଆହତମାନଙ୍କୁ ପ୍ରତ୍ୟେକ ଏକ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସଡ଼କ ଦୁର୍ଘଟଣାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ ଏପରି ଘଟଣାର ପୁନରାବୃତି ନହେବା ପାଇଁ ସବୁମତେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ପରେ ମନ୍ତ୍ରୀ ଶ୍ରୀ ଜେନା ଦୁର୍ଘଟଣାସ୍ଥଳରେ ପହଂଚିଥିଲେ ଜିଲ୍ଲା ପ୍ରଶାସନ ଆହତମାନଙ୍କୁ ସଂପୂର୍ଣ୍ଣ ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ଶ୍ରୀ ଜେନାଙ୍କ ସହିତ ପରିବହନ କମିଶନର ଅମିତାଭ ଠାକୁର, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପଜିଲ୍ଲାପାଳ, ପରିବହନ ଓ ପୋଲିସ ବିଭାଗର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ସ୍ୱାଇଟ ପ୍ରସ୍ତୁତ କରୁଛି ସୋଡ଼ାଯୁକ୍ତ ସ୍ୱାଦ

ଭୁବନେଶ୍ୱର,୨୨।୮ (ମହାଭାରତ): ଏକ ଆଇକନିକ ଲେମ୍ବୁ ତଥା ସୋଡ଼ାଯୁକ୍ତ ସ୍ୱାଦକୁ ନେଇ ସ୍ୱାଇଟ ପ୍ରସ୍ତୁତ କରୁଛି ସତେଜଯୁକ୍ତ ବ୍ୟସ୍ତବହୁଳ ଦିନ ପରେ "ଘରେ ଶୀତଳତା ପାଇଁ" ଛାଡ଼ି ଯାଇଥିବା ଏକ ନୂତନ ସ୍ୱାଦର ସ୍ପର୍ଶ ସହିତ ଏଭଳି ଏକ ଅଭିଯାନ। କମ୍ ବୟସ ବର୍ଗ ଏଭଳି ଏକ ଥଣ୍ଡା ପ୍ୟାକକୁ ନେଇ ସେମାନଙ୍କର ପ୍ରତିଦିନର ଅଭିଜ୍ଞତା ପ୍ରଦାନର ପ୍ରୟାସ ବହୁ ଅଧିକ ମାତ୍ରାରେ ବଢ଼ାଇ ଦେଇଛନ୍ତି। ପାଠପଢ଼ାର ସନ୍ତୁଳନ, ପାଠ୍ୟକ୍ରମ ବାହାରର ଅନ୍ୟାନ୍ୟ କାର୍ଯ୍ୟକଳାପ, ସାମାଜିକ ଆଶାବାଦିତା ତଥା ବ୍ୟକ୍ତିଗତ ଲକ୍ଷ୍ୟ ଏହାର ଦ୍ୱାରା ବହୁ ମାତ୍ରାରେ ଆଗକୁ ଯାଇପାରିଛି। ଦିନର ପରିସମାପ୍ତି, ଅନ୍ୟମାନଙ୍କର ଆଶାକୁ ପରିପୂରଣ କରିବା ସହିତ କୀର୍ତିମାନ ସ୍ଥାପିତ କରିଥିବା ବ୍ୟକ୍ତି ବିଶେଷଙ୍କର ବିଶେଷତ୍ୱକୁ ନେଇ ଅଧିକ ଜୀବନ୍ତ କରି ଅତିବାହିତ ହୋଇପାରିଛି।

# ବିଧାନସଭା ସମ୍ମୁଖରେ ପାଚିକାଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୨।୮ (ମହାଭାରତ): ଏ.ଆଇ.ୟୁ.ଟି.ୟୁ.ସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଗୁରୁବାର ବିଧାନସଭା ସମ୍ମୁଖରେ ପାଚିକାମାନଙ୍କର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନଠାରେ ସଂଘର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବା ପରେ ଅପରାହ୍ନରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ସର୍ବନିମ୍ନ ମଜୁରୀ ୨୮ ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ବୟସସୀମା ୬୫ବର୍ଷକୁ ବୃଦ୍ଧି କରିବା, ଅବସରକାଳୀନ ସହାୟତା ରାଶି ୨ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ପେନସନ ଓ ବୀମା ବ୍ୟବସ୍ଥା କରିବା, ୨୦୦୯ ମସିହା ଡିସେମ୍ବର ଠାରୁ ୨୦୧୨ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ୨୪ ମାସର ବର୍ଦ୍ଧିତ ବକେୟା ପାଇନଥିବା ପାଚିକାଙ୍କୁ ଅବିଳମ୍ବେ ପ୍ରଦାନ କରିବା, ବର୍ଷକୁ ୧୦ ମାସ ପରିବର୍ତେ ୧୨ ମାସର ପାରିଶ୍ରମିକ ରାଶି ପ୍ରଦାନ କରିବା, ୨୦୨୨ ମସିହା ମେ ଓ ଜୁନ୍ ମାସର ପାରିଶ୍ରମିକ ସହିତ ସମସ୍ତ ବକେୟା ପାରିଶ୍ରମିକ ପ୍ରଦାନ କରିବା ଆଦି ଦାବିରେ ସଂଘର ରାଜ୍ୟ ସଭାପତି ବିଷ୍ଣୁ ଦାସଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।

ଏହି ବିକ୍ଷୋଭ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଜୟସେନ ମେହେର, ଉପସଭାପତି ବ୍ରଜବନ୍ଧୁ ସାହୁ, ରାଜକିଶୋର ମଲ୍ଲିକ, ସସ୍ମିତା ସ୍ୱାଇଁ, ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନା, କୋଷାଧ୍ୟକ୍ଷ ନିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ବିଜୟ ସାହୁ, ସସ୍ମିତା ନାୟକ ପ୍ରମୁଖ ବକ୍ତବ୍ୟ ରଖି ଉପରୋକ୍ତ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ସରକାର ଅବିଳମ୍ବେ ପୂରଣ କରିବା ନିମନ୍ତେ ଦୃଢ ଦାବି କରିଥିଲେ। ଏହି ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟାହ୍ନ ଭୋଜନ ଉପ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ସାମସଙ୍ଗ ଦ୍ୱାରା ଭାରତରେ ଏହାର ଗାଲାକ୍ସି ୱାଚ୍ ଗୁଡ଼ିକରେ ଅନିୟମିତ ହୃଦ୍‌ସ୍ପନ୍ଦନ ସୂଚନା ପ୍ରଦାନ

ଭୁବନେଶ୍ୱର,୨୨।୮ (ମହାଭାରତ) ଭାରତର ସର୍ବବୃହ? ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ସାମସଙ୍ଗ, ଆଜି ଏହାର ଗାଲାକ୍ସି ୱାଚ୍‌ଗୁଡ଼ିକ ପାଇଁ ଅନିୟମିତ ହୃଦସ୍ପନ୍ଦନ ସୂଚ୍ନା (ଆଇଏଚ୍‌ଆରଏନ) ବିଶେଷତ୍ୱକୁ, ସାମସଙ୍ଗ ହେଲଥ ମନିଟର ଆପ୍ ସହାୟତାରେ ପ୍ରବେଶର ଘୋଷଣା କରିଛି। ଏହି ନୂତନ ବିଶେଷତ୍ୱ ଏହାର ଆପ୍ ସହିତ ଏକାଠି ହୋଇ ରହିଥିବା ରକ୍ତଚାପ ଏବଂ ଇଲେକ୍‌ଟ୍ରୋକାର୍ଡ଼ିଓଗ୍ରାମ (ଇସିଜି) ମନିଟରିଙ୍ଗ ସକ୍ଷମତା, ଆଟ୍ରିଆଲ ଫାଇବ୍ରିଲେସନ (ଏଏଫଆଇବି) ଜନିତ ହୃଦ୍‌ସ୍ପନ୍ଦନ ସୂଚ୍ନାକାରୀତାକୁ ଖୋଜି ଏଥିରେ ସାହାଯ୍ୟ କରିବା ପାଇଁ, ଗାଲାକ୍ସି ୱାଚ୍ ବ୍ୟବହାରକାରୀମାନଙ୍କୁ ଅଧିକ ବ୍ୟାପକ ହୃଦ୍‌ଜନିତ ସ୍ୱାସ୍ଥ୍ୟ ସମ୍ପର୍କରେ ସଠିକ୍ ବୁଝାମଣା ପାଇଁ ଏଭଳି ଏକ ଅଫର ପ୍ରଦାନ କରିଛି। ଗାଲାକ୍ସି ୱାଚ୍‌ର ବାୟୋ-ଆକ୍‌ଟିଭସେନସର ବ୍ୟବହାର ପୂର୍ବକ, ଥରେ ସାମସଙ୍ଗର ଏହି ହେଲଥ ମନିଟର ଆପ୍ କାର୍ଯ୍ୟକ୍ଷମ ହୋଇଗଲେ, ଏହି ଆଇଏଚ୍‌ଆରଏନ ବିଶେଷତ୍ୱ ଅନିୟମିତ ହୃଦ୍‌ସ୍ପନ୍ଦନକୁ ଏହାର ମୂଳରୁ ରହିଥିବା ସମସ୍ତ ପ୍ରକାର ଅସୁବିଧା ଗୁଡ଼ିକୁ ପରୀକ୍ଷା କରିଥାଏ। ଯଦି କ୍ରମାଗତ ଭାବରେ ଏହି ମାପଦଣ୍ଡ ପରୀକ୍ଷାରେ ରୋଗର ଅନିୟମିତତା ଦୃଷ୍ଟିକୁ ଆସେ, ଗାଲାକ୍ସି ୱାଚ୍ ଏହାର ବ୍ୟବହାରକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଏଏଫଆଇବି କାର୍ଯ୍ୟକଳାପ ଉପରେ ସତର୍କ କରିବା ସହିତ, ୱାଚ୍‌କୁ ବ୍ୟବହାର କରି ତାରି ସହାୟତାରେ ରହିଥିବା ଇସିଜିର ବ୍ୟବସ୍ଥାକୁ ବ୍ୟବହାର ପାଇଁ ସେମାନଙ୍କୁ ସୂଚିତ କରିଥାଏ।

# ମୟୂରଭଞ୍ଜରେ ରେଳ ବିକାଶ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୨୨।୮ (ମହାଭାରତ): ଓଡିଶାର ରେଳ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ରାଜ୍ୟରେ ୬ ଗୋଟି ନୂତନ ରେଳ ଲାଇନ ପ୍ରକଳ୍ପର ମଞ୍ଜୁରୀ ସମ୍ପର୍କରେ ଅବଗତ କରାଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଅର୍ଥନୈତିକ ଅଭିବୃଦ୍ଧି ତଥା ଓଡିଶାର ମାତ୍ରାଧିକ ଜନବହୁଳ ଜନଜାତି ତଥା ଆକାଂକ୍ଷା ଜିଲ୍ଲାକୁ ଅତ୍ୟାବଶ୍ୟକ ସେବା ଯୋଗାଇବାରେ ଏହି ପ୍ରକଳ୍ପଗୁଡିକର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ ରେଳ ମନ୍ତ୍ରୀ।

ଶ୍ରୀ ବୈଷ୍ଣବ ରାଷ୍ଟ୍ରପତିଙ୍କୁ ସୂଚନା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି (ସିସିଏ) ୧୦ ଅଗଷ୍ଟ ୨୦୨୪ ରେ ୮ଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛି, ସେଥିମଧ୍ୟରୁ ୬ ଗୋଟି ଓଡିଶାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଅନୁମୋଦନ ପରେ ରେଳ ମନ୍ତ୍ରଣାଳୟ ତୁରନ୍ତ ୧୯ ଅଗଷ୍ଟ ୨୦୨୪ରେ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କଲା।

ଏହି ନୂତନ ରେଳ ଲାଇନ ପ୍ରକଳ୍ପଗୁଡ଼ିକ ଓଡିଶାରେ ଗମନାଗମନ ସଂଯୋଗ ପାଇଁ ବୈପ୍ଳବିକ ପରିବର୍ତ୍ତନ ଆଣିବ। ପୂର୍ବରୁ ସଂଯୋଗ ହୋଇନଥିବା ଅଞ୍ଚଳଗୁଡ଼ିକୁ ରେଳ ସଂଯୋଗ ଦ୍ୱାରା ପ୍ରମୁଖ ମାର୍ଗ ମାନଙ୍କ ସଂଯୋଗ କରି ପରିବହନ ନେଟୱାର୍କକୁ ସୁଗମ କରିବ। ଏହି ପ୍ରକଳ୍ପଗୁଡିକ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ସହିତ ଯୋଗାଣ ଶୃଙ୍ଖଳାକୁ ଶୃଙ୍ଖଳିତ କରିବା ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବା ପରେ ଉପରୋକ୍ତ ରେଳ ଲାଇନଗୁଡିକ ଅର୍ଥନୈତିକ କାର୍ଯ୍ୟକଳାପକୁ ଅନୁକୂଳ କରିବ, ସାମଗ୍ରୀ ଏବଂ ସେବା ପରିବହନକୁ ଅଧିକ କ୍ରିୟାଶୀଳ କରିବ ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବ।



ଏହି ରେଳ ଲାଇନଗୁଡିକର ନିର୍ମାଣ ପ୍ରାୟ ୩ କୋଟି ମାନବ-ଦିନ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି ଯାହା ସ୍ଥାନୀୟ ଅଞ୍ଚଳକୁ ଏକ ଆର୍ଥିକ ଅଭିବୃଦ୍ଧି ପ୍ରଦାନ କରିବ। ଏହି ପଦକ୍ଷେପ ଓଡିଶାର ରେଳ ଭିତିଭୂମିରେ ଏକ ଲକ୍ଷ କୋଟି ପୁଞ୍ଜି ବିନିଯୋଗ କରିବାକୁ ସରକାରଙ୍କ ଉଚ୍ଚାଭିଳାଷୀ ଯୋଜନା ଅଟେ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପୂର୍ବରୁ ମଞ୍ଜୁର ହୋଇଛି।

କୃଷିଜାତ ଦ୍ରବ୍ୟ, କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ବକ୍ସାଇଟ୍ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟ ପରିବହନ ପାଇଁ ଏହି ରେଳ ଲାଇନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହେବ। ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ସହିତ ପରିବହନର ଏକ ସଶକ୍ତ ଓ ଦକ୍ଷ ଧାରାକୁ ପ୍ରୋତ୍ସାହିତ କରି ଏହି ପ୍ରକଳ୍ପଗୁଡ଼ିକ ଭାରତର ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟରେ ମଧ ସହାୟକ ହେବ। ଏହି ପ୍ରକଳ୍ପଗୁଡିକ ପ୍ରଧାନ ମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ପାଇଁ ଅବିଚ୍ଛେଦ୍ୟ, ଏକୀକୃତ ଏବଂ ମଲ୍ଟି ମୋଡାଲ ସଂଯୋଗକୁ ଗୁରୁତ୍ୱ ଦେବ। ଏହି ପଦକ୍ଷେପରେ ୬୪ ଟି ନୂତନ ଷ୍ଟେସନ୍ ନିର୍ମାଣ, ଛଅ ଗୋଟି ଆକାଂକ୍ଷା (ପୂର୍ବ ସିଂହଭୂମି, ଭଦ୍ରାଦ୍ରୀ କୋଥାଗୁଡେମ୍, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା) ପାଇଁ ସଂଯୋଗ ବୃଦ୍ଧି କରାଯାଇ ପ୍ରାୟ ୫୧୦ଟି ଗାଁ ଅନ୍ତର୍ଭୁକ୍ତ ହେଉଛି ଏବଂ ପ୍ରାୟ ୪୦ ଲକ୍ଷ ଜନସଂଖ୍ୟା ଉପକୃତ ହେବେ ବୋଲି ପରିକଳ୍ପନା କରାଯାଇଅଛି। ଏହି ରେଳ ଲାଇନ ପ୍ରକଳ୍ପଗୁଡିକର ଅନୁମୋଦନ ଏବଂ କାର୍ଯ୍ୟକାରିତା ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ନିଶ୍ଚିତ ଭାବେ ସହାୟକ ବୋଲି ଆଶା କରାଯାଉଛି।

## ଦୁର୍ନୀତି ଅଭିଯୋଗରୁ ମାଫ !

ଦୁର୍ନୀତି ଅଭିଯୋଗରେ ଗିରଫ ନେତାଙ୍କ ଜାମିନ ଆବେଦନ କୋର୍ଟରେ ପଡ଼ି ରହୁଛି। ବେଳେ ବେଳେ କୋର୍ଟଙ୍କ ରାୟ ନେତାଙ୍କୁ କ୍ଷୁବ୍ଧ କରୁଛି ଏବଂ ସେମାନଙ୍କୁ ସୁହାଇଲା ଭଳି ରାୟ ନଆସିଲେ ସେମାନେ ପ୍ରତିକୂଳ ମନ୍ତବ୍ୟ ଦେବାକୁ ମଧ୍ୟ ପଛାଉ ନାହାଁନ୍ତି। ମଦ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ତଳ କୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ଦିଲ୍ଲୀ ହାଇକୋର୍ଟ ଏହା ଉପରେ ରୋକ ଲଗାଇବା ଫଳରେ ସେ ଜେଲରୁ ମୁକୁଳିପାରିଲେ ନାହିଁ। ଏହା ପରେ ସିବିଆଇ ତାଙ୍କୁ ଗିରଫ କରିଛି। ତେଣୁ ନିକଟ ଭବିଷ୍ୟତରେ ସେ ଜେଲରୁ ମୁକୁଳିବା ଆଶା କ୍ଷୀଣ। ତେବେ ତଳ କୋର୍ଟର ଜାମିନ କାର୍ଯ୍ୟକାରୀ ନହୋଇନପାରିବା ଏକ ଚିନ୍ତାର ବିଷୟ ବୋଲି ଉଲ୍ଲେଖ କରି ପ୍ରାୟ ଦେଢ଼ ଶହ ଆଇନଜୀବୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିରେ କିଛି ଅସୁବିଧା ନାହିଁ। କିନ୍ତୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଏ ସମ୍ପର୍କରେ ପତ୍ର ଲେଖିବା ଅପେକ୍ଷା ଆଇନଜୀବୀ ମାନେ ଏହା ଉପରେ କୋର୍ଟରେ ଆଇନଗତ ଲଢ଼େଇ ଲଢ଼ିବା ଉଚିତ। ନିକଟରେ ସୁପ୍ରିମକୋର୍ଟ ଟ୍ରାଏଲ କୋର୍ଟରେ ଅନେକଙ୍କୁ ଜାମିନ ମିଳୁନଥିବା ଉଲ୍ଲେଖ କରି ଏଥିଲାଗି ଉଦବେଗ ପ୍ରକାଶ କରିଛନ୍ତି। ସମ୍ଭବତଃ କୋର୍ଟ ରାଜନୈତିକ ମାମଲାରେ ଚାପଗ୍ରସ୍ତ ହୋଇପଡ଼ିଛନ୍ତି। ନ୍ୟାୟ ବ୍ୟବସ୍ଥା ସମସ୍ତ ପ୍ରକାର ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ। ଏହାକୁ ଚାପଗ୍ରସ୍ତ କରିବାକୁ ପ୍ରୟାସ ନିନ୍ଦନୀୟ। ଯଦି କେଜରିୱାଲବାସ୍ତବରେ ଅଭିଯୁକ୍ତ ତେବେ ତାଙ୍କୁ ସାଧାରଣ କଏଦୀଙ୍କ ଭଳି ଆଇନ ସମ୍ମତ ଉପାୟରେ ଲଢ଼ିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ବୋଲି ତାଙ୍କୁ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖାଯାଇପାରିବ ନାହିଁ। ଗଣତନ୍ତ୍ରର ଚାରିଟି ସ୍ତମ୍ଭ ମଧ୍ୟରୁ ନ୍ୟାୟପାଳିକା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ନ୍ୟାୟପାଳିକା ହାତରେ ନ୍ୟସ୍ତ। ଭାରତରେ ଅନେକ ସମୟରେ ନ୍ୟାୟପାଳିକା ବା ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ସାଧାରଣ ଲୋକଙ୍କ ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ଅଧିକାର ସୁରକ୍ଷିତ ହୋଇପାରିଛି। କିନ୍ତୁ ଏବେ ନ୍ୟାୟପାଳିକା ଉପରେ ରାଜନୈତିକ ଚାପ ବୃଦ୍ଧି ପାଉଥିବା ଅନୁଭବ କରାଯାଉଛି। ଏହା ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିପାରେ। ନିକଟରେ ଦେଶର ୬୦୦ ଆଇନଜୀବୀ ସୁପ୍ରିମକୋର୍ଟର ପ୍ରଧାନବିଚାରପତିଙ୍କୁ ପତ୍ର ଲେଖି ନ୍ୟାୟପାଳିକା ଉପରେ ଚାପ ସୃଷ୍ଟି ନେଇ ଉଦବେଗ ପ୍ରକାଶ କରିବା ସହିତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ନିବେଦନ କରଥିଲେ। ବିଶେଷ କରି ଦୁର୍ନୀତି ମାମଲାରେ ନ୍ୟାୟାଳୟ ଉପରେ ଚାପ ସୃଷ୍ଟି ନିମନ୍ତେ ବରାବର ଉଦ୍ୟମ ହେଉଛି। କିଛି ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦୁର୍ନୀତି ଅଭିଯୋଗରେ ଗିରଫ ହେଉଥିବା ବେଳେ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ଆଖା ଦିଆଯାଇ ସମ୍ପୃକ୍ତ ନେତାଙ୍କୁ ମୁକୁଳାଇବାକୁ ନ୍ୟାୟାଳୟ ଉପରେ ଚାପ ପକାଯାଉଛି। ବିରୋଧୀ ଦଳର ଅଭିଯୋଗରୁ ଏଭଳି ମନେ ହେଉଛି ସତେ ଯେମିତି ଦେଶରେ ଜରୁରୀ ପରିସ୍ଥିତି ଜାରି ହୋଇଛି ଏବଂ ମିଶାରେ କେଜରିୱାଲ ତଥା ଅନ୍ୟ ନେତାଙ୍କୁ ଗିରଫ କରାଯାଇଛି। ବାସ୍ତବ କଥା ହେଲା ମଦ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ଇଡି କେଜରିୱାଲଙ୍କ ବିରୋଧରେ ଠୋସ ପ୍ରମାଣ ପାଇଥିବାରୁ ତାଙ୍କୁ ଗିରଫ କରିଛି। ଏହା ଏକ ଅପରାଧିକ ମାମଲା। ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ରର ସୁଯୋଗ ନାହିଁ। ଇଡି ପକ୍ଷରୁ କେଜରିୱାଲଙ୍କୁ ଏହି ମାମଲାରେ ଜେରା ପାଇଁ ୯ ଥର ସମନ ଜାରି କରାଯାଇଥିଲା। କିନ୍ତୁ ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ଆଇନ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କଲେ ନାହିଁ ଏବଂ ଇଡି ଆଗରେ ହାଜର ହେଲେ ନାହିଁ। ତେଣୁ ତାଙ୍କୁ ଗିରଫ କରିବା ବ୍ୟତିତ ଅନ୍ୟ ପନ୍ଥା ନଥିଲା। ମୁଖ୍ୟମନ୍ତ୍ରୀ ବୋଲି ତାଙ୍କୁ ଦୁର୍ନୀତି ଅଭିଯୋଗରୁ ମାଫ କରାଯିବ, ସେଭଳି ଆଶା କରିବା ଅନୁଚିତ।

“

*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।*

# ବିଶ୍ୱ ସମସ୍ୟା

॥ ଅଲେଖ ଚନ୍ଦ୍ର ସାମଲ ॥

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩

# ଜୀବନ ଚଳଣୀର ମୂଳ ମନ୍ତ୍ର

॥ ଯଶସ୍ୱିନୀ ପଟ୍ଟନାୟକ ॥

ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ। ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା। ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି। ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି। ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି। ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି। ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ। ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ। ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ। ନିଜପାଇଁ ସଂଗ୍ରହ କରୁଛେ। ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ। ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା। ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ। ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ। ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି। ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ। ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ। ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି। ଅତୀତରେ ସେପରି ବି ହେଉଥିଲା। ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ। ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା। ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି। ଭଲରେ ମନ୍ଦରେ ଠିଆହୁଅନ୍ତି। ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ। ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ। ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ। ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ। କାହାର ଠିକଣା କେହି ରଖେନାହିଁ। ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ। ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ। ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ। ଚିନ୍ତାମୁକ୍ତ ହୁଏ। ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ। ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି। ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ। ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ। ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ। କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ। ସେ ନିରବରେ ବସିଥାଆନ୍ତି। ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର। ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ। କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ। ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ। ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର। ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ। ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର।

ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ମନ ମୋହର ଶ୍ରେଷ୍ଠ ଗୁରୁ

॥ ପ୍ରଦୀପ୍ତ କୁମାର ମିଶ୍ର ॥

ଏକଦା ଯଦି ପ୍ରଶ୍ନ କରାଯାଏ ଏ ପୃଥିବୀରେ ସବୁଠାରୁ କ୍ଷିପ୍ର କିଏ,ତେବେ ତାର ଉତ୍ତର କେଳ ମନ ହିଁ ଆସିବ। ମଣିଷର ମନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସବୁଠାରୁ ଚଳଚଞ୍ଚଳ ଏକଥା ସମସ୍ତେ ସ୍ୱୀକାର କରିବେ। ତେବେ ଏହି ମନର ଶକ୍ତିକୁ ପରିବର୍ଦ୍ଧିତ କରି ଜଣେ ମହାପୁରୁଷ ଆଖ୍ୟା ପାଇଥାଏ। ମଣିଷ ପାଇଁ ଏହି ମନ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଆଶୀର୍ବାଦ। ଏଇଠି ଅଛି ପୁଣି ଏଇଠି ନାହିଁ କେଳ ଏହି ମନ। ମନନଶୀଳ ହେଲେ ସବୁଭଲ ମନକୁ ଆୟରେ ନରଖି ପାରିଲେ ସବୁ କେମିତି ଅବାସ୍ତବ ହୋଇଯାଏ। ମନର ପରିବର୍ତ୍ତନ ହେଲେ ସୁନା, ପିତ୍ତଳ ହୋଇଯାଏ, ମନ ରହିଗଲେ ଗଡ଼ିଆ ପାଣି ଗଙ୍ଗାଜଳ ହୋଇଯାଏ। ତେବେ ଏଥିରୁ ସ୍ପଷ୍ଟ ମନହିଁ ସବୁକିଛି ଓ ମନର ମୂଳରେ ହିଁ ଏ ସାରା ଜଗତ।



ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଥାଆନ୍ତି। ଏହିସମୟରେ ଯୁଦ୍ଧକ୍ଷେତ୍ରରେ ସମସ୍ତ ନିଜଲୋକ ସଖା ସହୋଦରଙ୍କୁ ଯୁଦ୍ଧରେ ଅବତୀର୍ଣ୍ଣ ହେବାର ଦେଖି ଅର୍ଜୁନଙ୍କର ମନରେ ବିଷାଦ ଭରିଗଲା। ଏ ଯୁଦ୍ଧକଣ ରୋକି ହେବ ନାହିଁ ବୋଲି ତାଙ୍କମନରେ ସଂଶୟ ଭରିଗଲା। ସେ ତାଙ୍କର ଗାଣ୍ଡିବ ଥୋଇଦେଇ ଅନ୍ୟମନସ୍କ ହୋଇଗଲେ। କୃଷ୍ଣ ଏହାର କାରଣ ପଚାରନ୍ତେ ସେ ଯୁଦ୍ଧକଣ ଏକାନ୍ତ ଆବଶ୍ୟକ ଏହାର ଅନ୍ୟ କିଛି ପଦକ୍ଷେପ ନାହିଁ। ତେବେ ମୁଁ ମୋରି ନିଜମାନଙ୍କ ସହ ଯୁଦ୍ଧ ଅବା କେମିତି କରିପାରିବି। ବାଧହୋଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ତାଙ୍କର ଅତୀତର ତିକ୍ତ ଅନୁଭୂତି କଥା ସୁଝାଇଦେଲେ। କିନ୍ତୁ ତଥାପି ଅର୍ଜୁନଙ୍କ ମୋହଭଙ୍ଗ ହୋଇପାରିନଥିଲା ତେବେ ତାହାପରେ ସେ ବିଶ୍ୱରୂପ ଦେଖାଇଥିଲେ। ସେହି ବିଶ୍ୱରୂପ ଦେଖି ଅର୍ଜୁନଙ୍କର ସଚେତନ ହୋଇଥିଲେ। ତେବେ ମନକୁ ଶାନ୍ତସରଳ ରଖିପାରିଲେ ଅନେକ ବଡ ବଡ କଥା ଛୋଟ ହୋଇଯାଏ। ଅନେକ ମତାନ୍ତର ମନାନ୍ତରକୁ ଏଡ଼ାଇ ସବୁଗୁଡିକ ସହଜଢଙ୍ଗରେ କରିହୁଏ।

ଏହିମନକୁ ନେଇ ଯେତେ ମହାପୁରୁଷ ମାନେ ନିଜକୁ ଶାନ୍ତ ସ୍ୱଭାବର ରଖି ଅନେକ ଅସାଧ୍ୟକୁ ସାଧ୍ୟ କରିପାରିଥିଲେ। ସାଧନା ପାଇଁ ଗୋଟିଏ ଉନ୍ନତ ମନର ଆବଶ୍ୟକତା ଥାଏ। ତେଣୁ ମନର ଶାନ୍ତିହିଁ ପରମ ଗୁଣର ଆବାହକ। ମଣିଷର ମନ ଏକ ଆଶ୍ଚର୍ଯ୍ୟ ସମ୍ପଦ ଏହାର ନିୟନ୍ତ୍ରଣ ମଣିଷର ଶ୍ରେଷ୍ଠ ଗୁଣର ପରିଚୟକ ଏହାର ସନ୍ଦେହ ନାହିଁ।

ଅରେଇ, ଯାଜପୁର ୯୬୫୮୬୨୪୭୨୮

## ମହିଳାଙ୍କୁ ମୃତ ଦର୍ଶାଇ କାଟିଦେଲେ ଅନ୍ତୋଦୟ ଚାଉଳ

**ହିନ୍ଦୋଳ,(ମହାଭାରତ) :** ରାଜ୍ୟ ସରକାର ଅନ୍ତୋଦୟ କାର୍ଡ ମାଧ୍ୟମରେ ଗରିବକଲ୍ୟାଣ ଅର୍ଣ୍ଣଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ୩୫କେଜି ଚାଉଳ ପ୍ରଦାନ କରୁଛନ୍ତି । ମାତ୍ର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଯୋଗାଣ ବିଭାଗର କେଳେଙ୍କାରୀ ହେଉ କିମ୍ବା ଅବହେଳା ଯୋଗୁଁ ୧୮ ମାସ ହେଲା ହିନ୍ଦୋଳ ବ୍ଲକ କୁଟୁଣିଆ ପଞ୍ଚାୟତ ଗୁଆଗରିଆ ଗ୍ରାମର ସାବିତ୍ରୀ ପଧାନ ଜଣେ ଅସହାୟ ବିଧବା ମହିଳାଙ୍କୁ ମୃତ ଦର୍ଶାଇ ଅନ୍ତୋଦୟ ଚାଉଳ ବନ୍ଦ କରିଦେଇଛନ୍ତି । ଗରିବ ସାବିତ୍ରୀଙ୍କ ପରିବାର କହିଲେ କେହି ନାହାନ୍ତି,ଏଠି ସେଠି ମୂଲ ମଜୁରୀ କରି ପେଟକୁ ଦାନା ଯୋଗାଡ଼ କରନ୍ତି ଓ ଅନ୍ତୋଦୟ କାର୍ଡ ପାଇବା ଦିନଠାରୁ ସେ ୩୫ କିଲୋ ଚାଉଳ ପାଉଥିଲେ !ମାତ୍ର ୨୦୨୩ ମସିହା ମାର୍ଚ୍ଚମାସ ପରେ ଆଉ ସେ ଚାଉଳ ପାଉନାହାନ୍ତି ଓ ଡିଲର ପାଖକୁ ଦୌଡ଼ି



ଦୌଡ଼ି ନୟାନ୍ତ ହେବାପରେ ହିନ୍ଦୋଳ ଯୋଗାଣ ବିଭାଗ ଅଧିକାରୀଙ୍କ ପାଖରେ ପହଞ୍ଚିଥିଲେ ଓ ଜାଣିବାକୁ ପାଇଥିଲେ ସାବିତ୍ରୀ ପଧାନ ମୃତ ହୋଇଥିବା ସୂଚନା ଥିବାରୁ ତାଙ୍କର ଅନ୍ତୋଦୟ କାର୍ଡଟି କଟିଯାଇଛି ଓ ତେବେ ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଦେଢ଼ ବର୍ଷ ହେବ ସେ ଚାଉଳ ପାଇ ପାରୁନାହାନ୍ତି ଓ ଯୋଗାଣ ବିଭାଗ ଅଧିକାରୀ କିପରି ଜଣେ ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ଅନ୍ତୋଦୟ କାର୍ଡ କାଟିଲେ ଏବଂ ଜୀବିତ ଥିବା ଜାଣିବା ପରେବି ଆଜି ପର୍ଯ୍ୟନ୍ତ କାହିଁକି କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ, ଏହା ପଛରେ କଣ କାରଣ କାହା ସ୍ୱାର୍ଥରେ କାହା ଇଙ୍ଗିତରେ ଏହା କରାଯାଇଛି, ଏଥିରେ କେଉଁକେଉଁ ସରକାରୀ ଅଧିକାରୀ, କର୍ମଚାରୀ ଓ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଛି ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଏହା ତଦନ୍ତ ସକ୍ଷେପ ଓକିଏ ଆଉ କାହିଁକି ଜୀବିତକୁ ମୃତ ଦର୍ଶାଇଛି ତାହାକୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରାଶ୍ରୟ ସାବିତ୍ରୀ କୁ ଅନ୍ତୋଦୟ ଯୋଜନାରେ ୩୫କିଲୋ ଚାଉଳ ପ୍ରଦାନ ପାଇଁ ସାଧାରଣରେ ଦାବି ଯୋର ଧରିଛି । ରାଜ୍ୟ ସରକାରଙ୍କ ଖୋଦ ଯୋଗାଣମନ୍ତ୍ରୀ ମୃତକକୁ ଜୀବିତ ଦର୍ଶାଇ ରାସନ ସାମଗ୍ରୀ ଉଠାଉଥିବା ଭୁତ କାର୍ଡ ଧରିବାକୁ ନିର୍ଦ୍ଧେଶ ଦେଇଥିଲେ ମଧ୍ୟ ତାଙ୍କରି ବିଭାଗର ଅଧିକାରୀ, କର୍ମଚାରୀ ଓ ଡିଲରମାନେ ଜୀବିତକୁ ମୃତ ଦର୍ଶାଇ ଭୁତ ବନାଇ ଦେଉଥିବା ଜନସାଧାରଣରେ ଘୋର ଆଶ୍ଚର୍ଯ୍ୟ ସହ ଅସନ୍ତୋଷ ପ୍ରକାଶ ପାଉଛି ।

## ମିଳୁନି ସରକାରୀ ସହାୟତା

## ଆବାସ ଯୋଜନାରୁ ବଞ୍ଚିତ ମୁକୁନ୍ଦ ଓ ଚାଫୁଲ କହଁର

**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କୁଇରିମାଣ୍ଡୁ ଗ୍ରାମପଞ୍ଚାୟତ ର କଳମ୍ ପଡା ଗ୍ରାମରେ ବାସ କରୁଥିବା ମୁକୁନ୍ଦ କହଁର ଭଲ ଘର ଖଣ୍ଡିଏ ନଥିବାରୁ ଚାଳ ଛପର ଜରିପାଲୋ ତଳେ ଦଦରା ଘର ଭଙ୍ଗାରୁଜା କାନ୍ଥ ରେବିତୁଛି ଜିବନ। ସୂଚନା ଅନୁସାରେ ମୁକୁନ୍ଦ କହଁର ଙ୍କ ମୋଟ ପରିବାର କହିଲେ ୬ଜଣ ବାସ କରନ୍ତି,ଏବଂ ମୁକୁନ୍ଦ ଏକ ଗରିବ, ଦିନମଜୁରିଆ ଭାବରେ ପରିଚିତ,ପ୍ରତି ଦିନ ମଜୁରୀ ଗଲେ ପରିବାର ରେ ଚୁଲି ଲାଗେ,କିନ୍ତୁ ରୋଜଗାର କରି ପରିବାର ଚଳାଉଥିବା ମୁକୁନ୍ଦ କୁ ବର୍ତ୍ତମାନ ରହିବାକୁ ଭଲ ଘର ଖଣ୍ଡିଏ ନଥିବାରୁ ସେ ଏବେ ଘର କାମ କରିବା ପାଇଁ ତାହାଙ୍କପାଖରେ ଆର୍ଥିକ ଶକ୍ତି ନଥିବାରୁ



କିଛି କାମ ମଧ କରିପାରୁ ନାହାନ୍ତି । ନିଜେ କାମ ନଗଲେ ଦିନେ ଛାଡି ଦିନେ ଉପବାସ ରହୁଥିବାର ତାଙ୍କ ସ୍ତ୍ରୀ ଚାଫୁଲ କହଁର କହୁଥିବା ଦେଖିବା କୁ ମିଳିଛି । ଏଟି ପ୍ରଶ୍ନ ଉଠିଛି ସରକାର ଏତେ ମାଳମାଳ ଯୋଜନା କରୁଛି କାହା ସ୍ୱାର୍ଥ ପାଇଁ କିଏତ ଭଲର ଖାଇବା ପାଇଁ ପାଉନିତ କିଏ ଭଲରେ ମୁଣ୍ଡ ଗୁଞ୍ଜିବା ସୋଇବା ପାଇଁ ଭଲ ଘର ଟିଏ ପାଉନିତ କିଏ ଭଲ ଔଷଧ ମଧ୍ୟ ପାଇପାରୁ ନାହାନ୍ତି । ଏଠି ମାଳମାଳ ଯୋଜନା କରି ଚାଲିଛନ୍ତି ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ନାହିଁ ପକାଘର କିନ୍ତୁ ଅଯୋଗ୍ୟଙ୍କୁ ଦିଆଯାଇଛି । ପକାଘର ବର୍ତମାନ ପର୍ଯ୍ୟନ୍ତ ମିଳିପାରୁନାହିଁ ମୁକୁନ୍ଦ କହଁରକୁ ମିଳିନାହିଁ ଆବାସ ଯୋଜନାରେ ଘର ଖଣ୍ଡିଏ କିମ୍ବା ସରକାରୀ ଯୋଜନାରେ ଘର ଭଲ ଜରି ପୋଲିଥିନି ଖଣ୍ଡିଏ ପାଇଁ, ବାରମ୍ବାର ପ୍ରଶାସନ କୁ ଗୁହାରି କରିଥିଲେ ସୁଦ୍ଧା ସରକାର ସହାୟତା ପାଇବାରେ ବଞ୍ଚିତ ଅଛନ୍ତି । ବୋଲି ଫିରିଙ୍ଗିଆ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରିୟା ରଖିଛନ୍ତି ମୁକୁନ୍ଦ କହଁରଙ୍କ ସ୍ତ୍ରୀ ଚାଫୁଲ କହଁର ଓ ତାଙ୍କ ପଡୋଶୀ ଘରର ଲୋକମାନେ ମଧ୍ୟ ଅଭିଯୋଗ ଆଣିଛନ୍ତି ।

### ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

## ରାଜରାସ୍ତାକୁ ଓହ୍ଲାଇଲେ କଲେଜ ଛାତ୍ରଛାତ୍ରୀ

**ଜୁନାଗଡ,(ମହାଭାରତ) :** ଗତ କିଛି ଦିନ ତଳେ କୋଲକୋତାରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ କରିହତ୍ୟା କରଗଲା ।




ଏହି ଘଟଣା ସାରା ଭାରତ ବର୍ଷ ରେ ଥିବା ମହିଳା ମାନଙ୍କୁ ସ୍ତବ୍ଧ କରିବା ସହିତ ବ୍ୟଥିତ କରିଛି । କୋଲକୋତା ରେ ସବୁ ବେଳେ ମାଁ ଦୁର୍ଗାଙ୍କୁ ପୂଜା କରାଯାଏ । ସେହିଭଳି ଏହି ରାଜ୍ୟରେ ଜଣେ ମହିଳା ହିଁ ମୁଖ୍ୟମନ୍ତ୍ରୀ ଅଛନ୍ତି । ହେଲେ ଏଠାରେ ମହିଳା ମାନେ ଅସୁରକ୍ଷିତ ଅଛନ୍ତି । ତେଣୁ ଏ ନରରୂପୀ ରକ୍ଷ୍ୟାସକୁ ଗିରଫ କରି ତୁରନ୍ତ ଫାଶୀ ରେ ଝୁଲାଇବା ପାଇଁ ଆଜି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ର ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବ୍ୟାନର ଓ ହାତରେ ପ୍ଲାକାର୍ଡ ଧରି ସହରର ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ଅନ୍ତୋର୍ଦ୍ୟୋୟ ଯୋଜନାରେ ସାମିଲ ପାଇଁ ଦିବ୍ୟାଙ୍ଗଙ୍କ ଜିଲ୍ଲାପାଳଙ୍କୁ ଅଭିଯୋଗ

**ବେଗୁନିଆ,(ମହାଭାରତ) :** ବେଗୁନିଆ ବ୍ଲକ କଣ୍ଠାବାଡ ଗ୍ରାମର ସ୍ୱର୍ଗତ ସଚ୍ଚିଦାନନ୍ଦ ବ୍ରହ୍ମାଙ୍କ ଦିବ୍ୟାଙ୍ଗ ଝିଅ ବନିତା (୪୧) ଶତକଡା ୬୦ ଭାଗ ବାମନ ହୋଇଥିବାରୁ କେବଳ ଭତା ଟଙ୍କା ପାଇଁ ଗୁଜୁରାଣ ମେଣ୍ଟାଇ ଆସୁଛି । ପିଲା ଦିନରୁ ବାପା ମାଆଙ୍କୁ ହରାଇ ବଡ ଭାଇ ଏକ ଦୁର୍ଘଟଣାର ସମ୍ମୁଖିନ ହୋଇ ଅର୍ଥ ଅଭାବରୁ ଚିକିତ୍ସା ପାଇ ନ ପାରି ଦୁଃଖର ସହ କାଳାତିପାତ କରୁଥିବା ବେଳେ ଦିବ୍ୟାଙ୍ଗ ବନିତା ଏବେ ଘରର ଭାର ବହନ କରୁଛନ୍ତି । ଏପରିକି ଘରର ଅବସ୍ଥା ଜରାଜୀର୍ଣ୍ଣ ହୋଇଥିବା ବେଳେ ଅର୍ଥାଭାବ ଯୋଗୁଁ ତାହା ମଧ୍ୟ ମରାମତି ଦୂରର କଥା ନିର୍ମାଣ ମଧ କରିବା ସମ୍ଭବ ହେଉନାହିଁ । ବର୍ତମାନ ପରିପ୍ରେକ୍ଷୀରେ ଘରର ଆର୍ଥିକ ଖର୍ଚ୍ଚ ଯେଉଁ ଭଳି ବଢ଼ି ଚାଲିଛି ଦିବ୍ୟାଙ୍ଗ ଯୁବତୀ ଜଣକ କେବଳ ଭତା ଟଙ୍କାରେ ଗୁଜୁରାଣ ମେଣ୍ଟାଇ ଥିବାରୁ ତାହା ସମୁଦ୍ରକୁ ଶଙ୍ଖେ ପାଣି ପାରି ଜଣା ପଡୁଛି । ଏହାକୁ ଦୃଷ୍ଟିରେ ରଖି ଗତ ୧୨ ତାରିଖ ଦିନ ବେଗୁନିଆ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ବନିତା ନିଜର ଏକ ଅନ୍ତଦ୍ୟୋୟ ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## ଚାନ୍ଦା ଆଦାୟ ପାଇଁ ଖୋଲିଛି ଅବକାରୀ ଥାନା

**ହାଟଡିହି,(ମହାଭାରତ) :** ଏହି ଅଞ୍ଚଳରେ ଅତ୍ୟଧିକ ପରିମାଣ ରେ ବିଦେଶୀ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ପ୍ରତିଦିନ ସହ ଚୋରି ସଂଖ୍ୟା ବୃଦ୍ଧି ପାଉଛି । ଯାହାର ମୁଖ୍ୟ କାରଣ ଅଞ୍ଚଳରେ ନିଶା ସେବନ କାରୀଙ୍କ ସଂଖ୍ୟା ବୃଦ୍ଧି । ଯାହା ଫଳରେ ହାଟଡିହି ବ୍ଲକ ରେ ଅତ୍ୟଧିକ ମାଦକ ଦ୍ରବ୍ୟ ପ୍ରସ୍ତୁତି ହେଉଥିବା ବେଳେ ବିଦେଶୀ ମଦ ଦୋକାନ ପ୍ରତି ବଜାର ରେ ଖୋଲି ଯାଉଥିବା ଦେଖିବାକୁ ମିଳୁଛି । ଏହା ଛଡା ଦେଶୀ ମଦ ପ୍ରସ୍ତୁତ କାରୀଙ୍କୁ ଧରିବା ସହ ଗାଁ ଗାଁ ରେ ବିଦେଶୀ ମଦ ଦୋକାନୀ ଙ୍କୁ ମାସିକିଆ ଚୁକ୍ତି ପରେ ଏହା ଏବେ ଅଧିକ ଖୋଲା ଯାଉଛି । ଏଥିପାଇଁ ନୂଆ କରି ଆସିଥିବା ଅବକାରୀ ଅଧିକାରୀଣି ଭଲ ରୋଜଗାର କରୁଥିବା ଦେଖିବାକୁ ମିଳୁଛି । ଯାହାକି ଏହି ଅଞ୍ଚଳ ରୁ



ଅନେକ ଯୁବକ ଗଞ୍ଜେଇ , ବ୍ରାଉନ ସୁଗାର କାରବାର କରି ନିକଟବର୍ତ୍ତୀ ଜିଲ୍ଲା ରେ ଧରା ପଡୁଥିବା ବେଳେ ହାଟଡିହି ଅବକାରୀ ବିଭାଗ କେବଳ ଚାନ୍ଦା ଆଦାୟ କରିବା ନିମନ୍ତେ ଖୋଲା ଯାଇଛି, ସମସ୍ତ ଛକ ବଜାର ରେ ଚର୍ଚ୍ଚା ହେଉଛି । ଯେତେବେଳେ ଏଠାରେ ଅବକାରୀ ବିଭାଗ ଥାନା ନଥିଲା ସୁଦୂର କଟକ ଜିଲ୍ଲା, ବାଲେଶ୍ୱର ଜିଲ୍ଲା କେନ୍ଦୁଝର ରୁ ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ମାନେ ବାର ମ୍ବାର ରେଡ କରି ପୂଳା ପୂଳା ଗଞ୍ଜେଇ ସିଜ୍ କରୁଥିଲେ । କିନ୍ତୁ ଏଠାରେ ଥାନା ହେବା ପରଠାରୁ କୌଣସି ଗୋଟିଏ ବି ବଡ ସଫଳତା ହାଟଡିହି ଅବକାରୀ ପୋଲିସ କୁ କାହିଁକି ମିଳୁନି ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପ୍ରକୃତରେ ହାଟଡିହି ଅବକାରୀ ବିଭାଗ କିଛି ଜାଣିପାରୁ ନାହି ନା ସମସ୍ତେ ଠିକ୍ ଭାବରେ ଡିଲ କରି ଦେଇ ଦେଉ ଥିବାରୁ କାହାରିକୁ ନଧରି କେବଳ ଦେଶୀ ମହୁଲି ଜବତ କରି ରେକଡ୍ ମେଣ୍ଟେନ୍ ଚାଲିଛି । ଯଦି ଆଗାମୀ ଦିନରେ ହାଟଡିହି ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରି ଚୁପ୍ ଚାପ ଭିତିରିଆ ଡ଼ିଲ ରେ ସୀମିତ ରହେ ତେବେ କଥା ଜିଲ୍ଲାପାଳଙ୍କୁ ଜଣାଇବା ସହ କେନ୍ଦୁଝର ଜିଲ୍ଲାର ଗର୍ବ ଅନୁଭବ କରୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଏହି ବିଷୟରେ ଅବଗତ କରାଯିବ ।

## ଧୁମାଭଟା ଗ୍ରାମରେ ଦୁର୍ଗାପୂଜା ପ୍ରଥମ ବୈଠକ



**ପାଟଣାଗଡ଼,(ମହାଭାରତ) :** ଧୁମାଭଟା ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣ ରେ ୩୪ ତମ ଦୁର୍ଗାପୂଜାକୁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ଏହି ବୈଠକ ଗ୍ରାମ ସମସ୍ତ ବୈଜଠ ବ୍ୟକ୍ତି, ସିଆନ୍ ଯୁବକ ଭାଇ, ମାନେ ଶତାଧିକ ଲୋକେ ଜମା ହୋଇ ବୈଠକୁ ସାଫଲ୍ୟ କରିଥିଲେ, ମୁଖ୍ୟ କାରଣ ଥିଲା ଗଲା ବର୍ଷର ହିସାବ ଉପସ୍ଥାପନ ହୋଇଥିଲା, ଏବଂ ନୂତନ ସଭାପତି ଚୟନ କରିବା । ବୋଲି ଗ୍ରାମର ଯୁବକ ଭାଇ ମାନେ କହିଥିଲେ, ସଭାପତି, ଏବଂ ଏହି ବର୍ଷ । ବହୁତ ଧୁମଧାମରେ ଦୁର୍ଗା ପୂଜା କରାଯିବ ସମସ୍ତେ ଏକ ମତ ହୋଇଥିଲେ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଘୁମୁରା ନୃତ୍ୟ ପରିଦର୍ଶନ ହେବ, ଡ୍ୟାନ୍ସ ପ୍ରତିଯୋଗିତା, ବାହାକ୍ ସଞ୍ଚାର, ଚୁନି ବର୍ଗର୍ତି ମହିଳା ଦଣ୍ଡନୃତ୍ୟ,ମାତୃଶକ୍ତି ଦଣ୍ଡନୃତ୍ୟ,ବାଇକୋପ୍, ଏବଂ ବିଶେଷ ଆର୍କଷଣ ମିଜାବଜାର କରାଯିବ ବୋଲି ସମସ୍ତେ ଉପସ୍ଥାନ କରିଥିଲେ, ଏହି ବର୍ଷର ସଭାପତି ଦାୟୀତ୍ୟ ସରପଞ୍ଚ ବନମାଳୀ ନାଏକ, ଉପ ସଭାପତି ପ୍ରକାଶ କୁମାର ବୁଡେକ, ସମ୍ପାଦକ-ମୁକେଶ କୁମାର ବୁଡେକ, ଉପସମ୍ପାଦକ ତରଣୀ ସିଂବାଗ, ଦେବରାଜ ନାଏକ, କୋଷାଧକ୍ଷ-ଲକ୍ଷ୍ମଧର ମଲ୍ଲିକ, ଉପକୋଷାଧକ୍ଷ ଅମିତ ନାଏକ,ଏହି ସଭା ଉପସ୍ଥିତ ଦୟାସାଗର ବୁଡେକ,ଚୂଡ଼ାମଣୀ ବୁଡେକ, ପ୍ରକାଶ ପୁରୋହିତ, ଶୁସିଲ ବୁଡେକ,ସତ୍ୟ ବୁଡେକ, ଦୁଖିଶ୍ୟାମ ବୁଡେକ, ଲକ୍ଷ୍ମଣ ନାଏକ, ବିବିଷଣ ବୁଡେକ,ମିଳନ ଯୋସୀ,ହେମନ୍ତ ବୁଡେକ, ବଡ ରଣା, ଗୌରାଙ୍ଗ ପୁଟେଲ, ଗଙ୍ଗା ପଟ୍ଟନାୟକ, ଲିଲୁ ଜୈନ, ବିଶିକେସନ ସବର, ନବୀନ ବୁଡେକ, ଚିନ୍ତାମଣୀ ବୁଡେକ, ଉପସ୍ଥିତ ରହିଥିଲେ ।

## ନିଜ ସ୍ୱାର୍ଥ ପାଇଁ ପାଇଁ ଗଢି ଉଠିଛି ବ୍ୟବସାୟୀ ମହାସଂଘ

**ଜଟଣୀ,(ମହାଭାରତ) :** ସହର ହେଉଛି ଏକ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓ ଛୋଟଠାରୁ ବଡ଼ ବ୍ୟବସାୟୀମାନେ ଏଠାରେ ବ୍ୟାପାର ବାଣିଜ୍ୟ କରି ନିଜର ଗୁଜରାଣ ମେଣ୍ଟାଉଛନ୍ତି ଓ ଶୁଣିବାକୁ ମିଳୁଛି ବଜାରରେ ଥିବା ଅନେକ ସମସ୍ୟାର ସମାଧାନ ପାଇଁ ୨୦୧୩ ମସିହାରୁ ଗଠିତ ହୋଇଥିଲା ଜଟଣୀ ବ୍ୟବସାୟୀ ମହାସଂଘ ଓ କିନ୍ତୁ ଆଜକୁ ୨୦୧୩ ମସିହାରୁ ଗଠିତ 'ଜଟଣୀ ବ୍ୟବସାୟୀ ମହାସଂଘ 'ପଞ୍ଜିକୃତ ନ ହେବା ତା ସହିତ ପ୍ରତି ବର୍ଷ ଜଟଣୀ ବ୍ୟବସାୟୀ ମହାସଂଘ ର ନିର୍ବାଚନ ହେଉନାହିଁ ତତ୍ ସହିତ ସଂଘର କୌଣସି ରେଜୁଲେସନ ନଥିବା ଘଟଣା କିଛି ବଜାରର ସଭାପତି ମାନେ କହିଛନ୍ତି ଓ ଏପରି ହେବାର କାରଣ କଣ ? ଏହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ? ଏହି ସଙ୍ଘ ଦୀର୍ଘ ବର୍ଷ ହେବ ଗଠିତ ହେଲେ ମଧ ଓଭର ବ୍ରିଜ ନିର୍ମାଣ ସମୟରେ ବିସ୍ଥାପିତ ୫୦୦ ରୁ ଉର୍ଦ୍ଧ ଦୋକାନୀଙ୍କ ଥଇଥାନ କଥା ଚିନ୍ତା ନ କରି ଓଡିଶା ପ୍ରସିଦ୍ଧ ଗଣେଶ ପୂଜା ଆସିଲେ ନିଜର ପ୍ରଚାର ପ୍ରସାର କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ମଟନ,ଭାତରେ ମାତିଥାନ୍ତି ଓ ଆଜି ପର୍ଯ୍ୟନ୍ତ ସେମାନଙ୍କ ଥଇଥାନ କଥା ମହସଙ୍ଘ ମାଧ୍ୟମରେ ବିଚାରକୁ ନିଆ ଗଲା ନାହିଁ କି ଆଖି ଦୃଶିଆ ବଡ଼ ଆନ୍ଦୋଳନ ଦେଖିବାକୁ ମିଳିଲା ନାହିଁ । ଯେଉଁ ବ୍ୟବସାୟୀ ଭାଇମାନେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ ସେମାନେ କିପରି ଅଛନ୍ତି ତାଙ୍କ ଦୁଃଖ କଥା ଜାଣିବାପାଇଁ ସେମାନଙ୍କ ପାଖରେ କେବେ ଛିଡା ହେବାର ନଜିର ନାହିଁ । ବର୍ତ୍ତମାନ ପୌରପରିଷଦ ଦ୍ୱାରା ଆଲର୍ଟ ଭେଣ୍ଡିଙ୍ଗ ଜୋନ ପ୍ରକୃତ ବିସ୍ଥାପିତ ହୋଇଥିବା ହାତ ଗଣତି ଦୋକାନୀଙ୍କୁ ଛାଡି ତାରି ଭିତରେ ରାଜନୀତି କରଣ କରି କିଛି ରାଜନୈତିକ କୁଜି ନେତା, ଯାହାର ସ୍ଥାୟୀ ଦୋକାନ ଘର ଅଛି ସେହିମାନଙ୍କ ଠାରୁ ହଜାର ହଜାର ଟଙ୍କା ନେଇ ବିସ୍ଥାପିତ ତାଲିକାରେ ସାମିଲ କରିବା ସଧାରଣରେ ଆଲୋଚନା ହୋଇଛି । ଏହି ଅନ୍ୟାୟ ବିରୋଧରେ ବ୍ୟବସାୟୀ ମହାସଙ୍ଘ କେବେ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ପାଖରେ ବିସ୍ଥାପିତ ବ୍ୟବସାୟୀ ଭାଇଙ୍କ ଥଇଥାନ ବିଷୟରେ କିମ୍ବା ପରିବାର ପତିପୋଷଣ ବାବଦକୁ ଅଭିଯୋଗ ପତ୍ର ଦେଇଛନ୍ତି କି ? ଆଜି ପର୍ଯ୍ୟନ୍ତ ବଜାରରେ ଅନେକ ସମସ୍ୟା ଲାଗି ରହିଛି କେବଳ ସଂଘ ଗଢି ନିଜ ସ୍ୱାର୍ଥରେ ମାତିଛନ୍ତି ସଭାପତି ବୋଲି କିଛି ବ୍ୟବସାୟୀ ସଂଘର ସଭାପତି ନିଜ ନାମ ଗୋପନ ରଖି ନିଜର ମତ ପ୍ରକାଶ କରିଛନ୍ତି ।

## ବିନା ଅସ୍ତ୍ରୋପଚାରରେ ଭଲ ହେଉଛି ଅର୍ସ, ଭଗନ୍ଦର ଓ ମଳକଣ୍ଟକ

**ସାଲେପୁର,(ମହାଭାରତ) :** କଟକ ଜିଲ୍ଲା ସାଲେପୁର ରେ ପ୍ରଥମ ଥର ପାଇଁ ବିନା ଅସ୍ତ୍ରୋପଚାର ରେ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିରେ କମ ସମୟ ମଧ୍ୟରେ ସହଜ ଉପାୟରେ ଚିକିତ୍ସା କରାଯାଉଛି । ପୁରୀ ଅଞ୍ଚଳର ପ୍ରଫେସର ଡ଼ ଅଜିତ କୁମାର ଶାସମଲ ସାଲେପୁର ର ଏସ.ବି.ଆଇ ବ୍ୟାଙ୍କ ନିକଟ ରେ ପ୍ରତି ଗୁରୁବାର ଦିନ ସୃଶୃତ ପାଇଲ୍ସ କ୍ଲିନକରେ ଚିକିତ୍ସା କରୁଛନ୍ତି । ଏଠାରେ ଚିକିତ୍ସା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ମାତ୍ରାରେ ରୋଗୀ ମାନେ ଆସି ସୁସ୍ଥ ହୋଇ ଫେରୁଥିବା ଜଣାଯାଇଛି । ବହୁତ ଦିନ ଧରି ଏହି ସବୁ ରୋଗରେ ପୀଡିତ ରୋଗୀ ମାନେ କମ ସମୟ ମଧ୍ୟରେ ସୁସ୍ଥ ହେଉଛନ୍ତି ।



### କଲିକତାରେ ଘଟିଯାଇଥିବା ମହିଳା ଡାକ୍ତର ବଳାତ୍କାର ଘଟଣାରେ

## ହତ୍ୟାକୁ ଘୋର ବିରୋଧ କରିଛି ବଜରଙ୍ଗ ଦଳ


**କୋରେଇ,(ମହାଭାରତ) :** ଗତ ଅଗଷ୍ଟ ୯ତାରିଖ ରେ ଘଟିଯାଇଥିବା ଘୃଣ୍ୟ ଓ ଲଜ୍ୟାକର ଘଟଣା ଯାହାକି ଜଣେ ମହିଳା ଡାକ୍ତରଙ୍କୁ ଗଣ ବଳାତ୍କାର ପରେ ହତ୍ୟା କରାଯାଇଛି , ଏମିତି ଏକ ଅମାନୁଷିକ ଘୃର୍ଣ୍ୟ କାର୍ଯ୍ୟକୁ ନିନ୍ଦା ପ୍ରତିବାଦ୍ କରି କୋରେଇ ପ୍ରଖଣ୍ଡ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଂଯୋଜକ ବଙ୍ଗନ୍ ଖିଲାର ଙ୍କ ଆହ୍ୱାନ କ୍ରମେ କୋରାଇରେ ଏକ ଭିକ୍ଷୋବ ପ୍ରଦର୍ଶନ କରାଯାଇ ଥିଲା, ଏହି ପ୍ରଦର୍ଶନରେ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀ ଅରବିନ୍ଦ ଦାସ୍, ବାଦଲ ନାୟକ, ଚିନ୍ମୟ ସାମଲ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଯୋଗ ଦେଇ ଥିଲେ,ସେମାନଙ୍କ ସହିତ ରାଷ୍ଟ୍ରୀୟ ମହିଳା ପରିଷଦ ଓ ଓଜୋସ୍ୱିନୀ ସଂଗଠନର ଭଉଣୀ ମାନେ ବୋହୁ ସଂଖ୍ୟାରେ ଯୋଗ ଦେଇ ଦୃଢ଼ ପ୍ରତିବାଦ କରି ୨୧ତାରିଖ ବୁଧବାର ସନ୍ଧ୍ୟା ୭ ଘଟିକା ସମୟରେ ଯାଜପୁର ରୋଡ଼ ନିକଟସ୍ଥ କୋରାଇର ସରକାରି ମେଡିକାଲ ପାଖରୁ ଏକ ମଶାଲ ଯାତ୍ରା ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରିବା ସହିତ ବଳାତ୍କାରିକୁ




ତୁରନ୍ତ ଫାସି ଦିଅ ସ୍ଲୋଗାନ ରେ ସମ୍ପୂର୍ଣ କୋରେଇ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଏହି ବିକ୍ଷୋଭରେ କୋରାଇ ପ୍ରଖଣ୍ଡ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସହ ସଂଯୋଜକ(୨ ନୋ ଜୋନ)ପ୍ରକାଶ ସାହୁ,(୩ ନୋ ଜୋନ) ସହ ସଂଯୋଜକ ବାବନ୍ ଜେନା, ପ୍ରଖଣ୍ଡ ସୁଚନା ପ୍ରମୁଖ ସପନ ମଲିକ, ସୁରକ୍ଷା ପ୍ରମୁଖ ପ୍ରଦୀପ ଶାଆନ୍ତାରା, ଗୋ ରକ୍ଷା ପ୍ରମୁଖ ଅନିଲ ଦାସ୍, ବିଦ୍ୟାର୍ଥୀ ପ୍ରମୁଖ ବଳରାମ ଖିଲାର, ଅମର ନାଥ, ଆଖଡ଼ା ପ୍ରମୁଖ ମାଧବ ଭୋଇ, ବ୍ୟବସ୍ଥା ପ୍ରମୁଖ ରଞ୍ଜନ ଖିଲାର ଉପସ୍ଥିତ ଥିବା ବେଳେ ଓଜ୍ୟୋସିନି, ମାତୃଶକ୍ତି ଭଉଣୀ ରୂପା ମଲିକ, ଅର୍ପିତା ମଲିକ ଲକ୍ଷ୍ମୀପ୍ରିୟା ସାଆନ୍ତାରା, ସସ୍ମିତା ମଲିକ, ସରୋଜିନୀ ମଲିକ, ମାମୁନି ଜେନା,ତାରା ମଲିକ, ଝରଣା ମଲିକ୍ , ଶିଳି ଖିଲାର ସମେତ ବହୁ ବୟସ୍କା ମା ଭଉଣୀ ମାନେ ସାମିଲ ଥିଲେ ଅନ୍ୟମାନଙ୍କ ମଧ୍ୟରେ, ସରୋଜ ସାହୁ,ସିରାଜ ନାଥ, କୈବଲ୍ୟ ମହାରଣା, ପ୍ରକାଶ ମଲିକ, ସୌମ୍ୟ ରଞ୍ଜନ ଖିଲାର, ସୁନିଲ ଦାସ୍, ପଙ୍କଜ ବେହେରା, କାଳିଆ ଜେନା, ଅଙ୍କିତ ନାଥ, ପ୍ରଦୀପ ମଲିକ, ସୁନିଲ ନାଥ, ରମେଶ ପାଲତା, କାଳିଆ ଜେନା, ବବୁଲୁ ମଲିକ, ବବୁଲୁ ଜେନା, ସତ୍ୟଜିତ ସାହୁ, ପ୍ରଭାତ ଧିର, ଗୟାଧର ମଲିକ ଓ ପଖାଳ ମଲିକ ଯୋଗ ଦେଇଥିଲେ ।

## ଚଢ଼େୟାପଲ୍ଲୀରେ ଗ୍ରାନାଇଟ୍ ଖଣି : ବିଭାଗ ନିକଟରେ ସୂଚନା ନାହିଁ

**ଦଶପଲ୍ଲା,(ମହାଭାରତ) :** ଦଶପଲ୍ଲା ତହସିଲ ଅଧୀନସ୍ଥ ଚଢ଼େୟାପଲ୍ଲୀ ସର୍କଲର ଭାତଗଦା ଠାରେ ଥିବା ଗ୍ରାନାଇଟ୍ ଖଣି ଠାବ ହେବା ପରେ ସେଠାରୁ ଆଖିବୁଜା ପଥର କଟାଯାଇ ଚାଲାଣ ହେଉଛି । ଆଶ୍ଚର୍ଯ୍ୟର କଥା ହେଉଛି ଏହି ଖଣି ସମ୍ପର୍କରେ ଖଣିବିଭାଗ ନିକଟରେ କୌଣସି ସୂଚନା ନାହିଁ ବା ବିଭାଗୀୟ ଅଧିକାରୀ ମାନେ ଚେଇଁ ଶୋଇଛନ୍ତି ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି । ସୂଚନାଯୋଗ୍ୟ, ସମସ୍ତ ପଥରଖଣିକୁ ରାଜସ୍ୱ ବିଭାଗ ଅଧୀନରୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବା ପରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଖଣି ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଖୋଳତାଡ଼ । ଯାହାକି ବିଭିନ୍ନ ବ୍ଲକ୍‌ରେ ଚାଲି ଆସିଥିବା ଖଣି ଉତ୍ତୋଳନର କେଳେଙ୍କାରୀ ସାମ୍ନାକୁ ଆସିଛି । କେଉଁଠି ବେଆଇନ ଭାବେ ଖଣି ଉତ୍ତୋଳନ କରାଯାଇଛି ତ ପୁଣି କେଉଁଠି ଧାର୍ଯ୍ୟ ପରିମାଣ ଠାରୁ ମାତ୍ରାଧିକ ପରିମାଣର ଖଣି ଉତ୍ତୋଳନ



କରାଯାଇଛି । ଖାଲି ସେତିକି ନୁହେଁ, ଜଙ୍ଗଲ କିସମ ଜାଗାରେ ଥିବା ଖଣିକୁ ଲିଜ୍ ଦିଆଯାଇଥିବା ନେଇ ସନ୍ଦେହ କରିଛନ୍ତି ଖଣି ଅଧିକାରୀ । ଏହାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି ଏବଂ ଏହି ଖଣି ସମ୍ପର୍କରେ ଖଣି ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନଥିବା କହିଛନ୍ତି । ବଡ଼କଥା ହେଉଛି, ଏହି ଖଣିଟି ଦୀର୍ଘବର୍ଷ ଧରି ଚାଲିଆସୁଛି । ପାହାଡ଼ କାଟି ଗ୍ରାନାଇଟ୍ ପ୍ରସ୍ତୁତ ପାଇଁ ବଡ଼ବଡ଼ ପଥର ଖଣ୍ଡ ବାହାରକୁ ଚାଲାଣ ହେଉଛି । କୋଟି କୋଟି ଟଙ୍କାର ପଥର ଚାଲାଣ ହେଉଥିବା ବେଳେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରି ଆସୁଛନ୍ତି । ପୂର୍ବରୁ ଏହାକୁ କୁଇ ସମାଜ ସମେତ ଡିଓ୍ୱାଇଏଫ୍ଆଇ ସଂସ୍ଥା ପକ୍ଷରୁ ପ୍ରଚଣ୍ଡ ବିରୋଧ କରି ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପାହାଡ଼ ଚାରିପାଖରେ ଜନବସତି ସମେତ ବିଦ୍ୟାଳୟ ଗଢ଼ି ଉଠିଥିବା ବେଳେ ପରିବେଶ ମଞ୍ଜୁରି କିଭଳି ପ୍ରଦାନ କରାଯାଇଛି ତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ହେଲେ ପ୍ରଶାସନ ସମସ୍ତ ନୀତିନିୟମ ଉଲଂଘନ କରି ଏହାକୁ ମା' ଚଣ୍ଡେଶ୍ୱରୀ ଗ୍ରାନାଇଟ୍ସ ନାମକ ଏକ ସଂସ୍ଥାକୁ ଲିଜ୍ ଦେଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ ଆଣିଛନ୍ତି । ଦଶପଲ୍ଲା ବ୍ଲକ୍‌ର ଆଦିବାସୀ ବହୁଳ ଚଢ଼େୟାପଲ୍ଲୀ, ପୋଖରୀଗୋଛା, ଦୁଡ଼ା, କଳସାଖମଣ, ନୂଆଗାଁ ଏବଂ କୁଜାମେଣ୍ଡି ଭଳି ପଞ୍ଚାୟତର ବହୁ ଗାଁକୁ ଆଜି ପର୍ଯ୍ୟନ୍ତ ପକ୍କା ସଡ଼କଟିଏ ନିର୍ମାଣ ହୋଇନି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ପାନୀୟଜଳ ଭଳି ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇରହିଛି । ପଞ୍ଚାୟତ ବାସୀଙ୍କୁ ଦୁର୍ଦ୍ଦିନକୁ ଠେଲିଦେଇ ଉକ୍ତ ଅଞ୍ଚଳରୁ କୋଟିକୋଟି ଟଙ୍କା ମୂଲ୍ୟର ଖଣି ଉତ୍ତୋଳନକୁ ଅଞ୍ଚଳବାସୀ ବିରୋଧ କରୁଛନ୍ତି । ଏଭଳି ସ୍ଥିତିରେ ଉକ୍ତ ଖଣିରେ ମାତ୍ରାଧିକ ପରିମାଣର ପଥର ମହଜୁଦ୍ ଥିବା ହେତୁ କିଛିମାସ ହେଲା ପ୍ରଚୁର ପଥର ବାହାର କରିବା ପରେ ଚାଲାଣ ପାଇଁ ଯୋଜନା ଚାଲିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି । କେବେ ଓ କେତେବର୍ଷ ପାଇଁ ଏହି ଖଣିକୁ ଲିଜ୍ ଦିଆଯାଇଛି ? କେତେ ପରିମାଣର ଖଣି ଉତ୍ତୋଳନ କରାଯିବାର ନିୟମ ରହିଛି ଓ କେତେ ଖଣି ଉତ୍ତୋଳନ କରାଯାଇଛି ଏହାର ତଦନ୍ତ ପାଇଁ ଡିଓ୍ୱାଇଏଫ୍ଆଇର ପଞ୍ଚାୟତ ସମ୍ପାଦକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି । ଏସମ୍ପର୍କରେ ଖଣି ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନଥିବା ବେଳେ ଏହାର ତଦନ୍ତ କରାଯିବ ବୋଲି ସୂଚନା ରହିଛି ।

# ସାପ କାମୁଡ଼ାରେ ବୃଦ୍ଧ ମୃତ

ଗୋଲାମୁଣ୍ଡା,( ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଚିଚିଆ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚିଚିଆ ଗାଁର ଶ୍ରୀଧର ସରାପଯ୍ଯ ସୂଚନାରୁ ପ୍ରକାଶ, ଶ୍ରୀଧର ସୋମବାର ରାତିରେ ଘରେ ଶୋଇଥିବା ବେଳେ ରାତ୍ର ସମୟରେ ତାଙ୍କୁ ବିଷାକ୍ତ ସର୍ପ ଦଂଶନ କରିଥିଲା। ପରିବାର ଲୋକେ ଗୁରୁତରଙ୍କୁ ଧର୍ମଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୁରୁତ୍ୱର ଅବସ୍ଥାରେ ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରିବା ସମୟରେ ତାଙ୍କର ମୃତ ହୋଇଥିଲା। ମୃତକଙ୍କ ପରିବାରଙ୍କୁ କ୍ଷତି ପୂରଣ ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ନେସ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ



ଅନୁଗୋଳ,(ମହାଭାରତ):ବୃହତ ଶ୍ରମିକ ସଂଗଠନ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସହ ବନ୍ଧିତ ନାଲକୋ ଏମ୍ପ ଲୋୟିଜ ସଙ୍ଘ (ନେସ)ର ୨୪ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ଆସନ୍ତା ୨୯ତାରିଖ ଗୁରୁବାର ଦିନ ନେସ ସଂଗଠନ ତରଫରୁ ୨୪ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ନେଇ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି ଯଥା ପ୍ରତେକ ବର୍ଷ ପରି ମଧ୍ୟ ଏ ବର୍ଷ ମହା ଆଡମ୍ବର ରେ ପାଳନ କରାଯିବା ସହିତ ବିର୍ଭିଣ୍ଣ ଉର୍ନତି ମୂଳକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯିବ। ଆଗାମୀ ଦିନ ରେ ନାଲକୋ ସୁରକ୍ଷା, କର୍ମଚାରୀ ଙ୍କର ସୁରକ୍ଷା ପାଇଁ ଅଧିକ ରୁ ଅଧିକା ଦେବା ପାଇଁ ଗୁରୁତ୍ୱ ଦିଆଯିବ।ପାଣି ପାଗକୁ ଅନୁମାନ କରି କିପରି ସୁଚାରୁ ରୂପେ ଶାନ୍ତି ଶୃଙ୍ଖଳା ସହିତ କାର୍ଯ୍ୟକ୍ରମ ସମାପନ ହୋଇବ ସେ ବିଷୟରେ ସଂଘ ର ସଭାପତି ନିର୍ମଳ ସାମଲ ଗୁରୁତ୍ୱ ଦେଇଥିଲେ ଏବଂ କାର୍ଯ୍ୟକାରୀ ସଭାପତି ବିଜନ ଦଳ ବେହେରା, ଉପସଭାପତି ମନୋଜ ପ୍ରସାଦ, ସୁରେଶ ସାହୁ, ଅଶୋକ ସାହୁ, ମନୋଜ ସ୍ୱାଇଁ, ଅଶ୍ୱିନୀ ସାମଲ, ବିକାଶ ପାଲ, ଅଜିତ ଟୁଡୁ, ଉପେନ୍ଦ୍ର ବେହେରା,ଟୀକନ ସାହୁ,ସାଧାରଣ ସମ୍ପାଦକ ରଞ୍ଜିତ ସାହୁ, ସାଙ୍ଗଠନିକ ସମ୍ପାଦକ ପ୍ରକାଶ ବେହେରା, ତ୍ରିନାଥ ରାଉତ ରାଏ, ବିଭୁତି ମହାପାତ୍ର, ବିକ୍ରମାଦ୍ୱୀତ ବେହେରା, ଶୁଭେନ୍ଦୁ ବିଶ୍ୱାଳ, ଦୀପକ ବେହେରା,ପ୍ରଶାନ୍ତ ବିଶ୍ୱାଳ, ଅଟଳ ଷଡଙ୍ଗୀ, ମାନସ ସାହୁ ପାବକ ଗଡ଼ ନାୟକ, ଭରତ ଜେନା,ସୁଧାଂଶୁ ମିଶ୍ର, ସୁଦାମ ବେହେରା,ଯାଦୁନାଥ ପ୍ରଧାନ ଉପସ୍ଥିତ ଥିଲା ବେଳେ ଶ୍ରୀ ଯତୀନ ମିଶ୍ର ଧନ୍ୟବାଦ ସହିତ ସଭା କାର୍ଯ୍ୟ ସାଙ୍ଗ କରିଥିଲେ ।

# ଶାନ୍ତି ପୂର୍ଣ୍ଣ ଭାବେ ଶେଷ ହେଲା ଭାରତ ବନ୍ଦ

## ସମସ୍ତ ଅଖ,ଚକ ସହ ଦୋକାନ ବଜାର ବନ୍ଦ



ବିଷମ କଟକ (ମହାଭାରତ):ଅନୂସୂଚୀତ ଜାତି ଓ ଜନଜାତି ଙ୍କ ସଂଗ୍ରକ୍ଷଣ କୁ ନେଇ ଭାରତର ଉଚ୍ଚତମ ନ୍ୟାୟଳୟ ଦେଇଥିବା ରାୟ କୁ ବିରୋଧରେ ଦେଶ ବ୍ୟାପି ବନ୍ଦ ପାଳନ ହୋଇଅଛି । ଏହାର ପ୍ରଭାବ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ମଧ ଦେଖିବାକୁ ମିଳିଛି । ବିଷମ କଟକ ବ୍ଲକର ବିଭିଓ ଆଦିବାସୀ ସଂଘଠନ, ବହୁନଜ ସମାଜବାଦି ପାର୍ଟୀ ସଦସ୍ୟ ମାନେ ଏକତ୍ରିତ ହୋଇ ସ୍ଥାନୀୟ ମେଡିକାଲ ଛକ,କଲେଜ ଛକ,ମାର୍କମା ମନ୍ଦିର ଛକ ନିକଟ ରେ ରାସ୍ତା ଆବରୋଧ କରିଥିଲେ । ଜରୁରି କାଳିନ ସେବାକୁ ବାଦ ଦିଆଯାଇଥିଲା । ଭାରତ ବନ୍ଦ କୁ ସମର୍ଥନ ଜଣାଇ ବିଷମ କଟକ ର ସମସ୍ତ ଦୋକନ ବଜାର ବନ୍ଦର ରହିଥିଲା । ସକାଳ ୬ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଦୋକାନ ବଜାର,ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି ଜିଲ୍ଲା କୁ ବସ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା ବିଭିଓ ଯାତ୍ରୀ ନାହିଁ ନଥବାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।ଏଥି ସହିତ ବିଷମ କଟକ ତଥା ଆଖପାଖ ଅଞ୍ଚଳର ସମସ୍ତ ସରକାରୀ ବେସରକାରି,ବ୍ୟାଙ୍କ ପ୍ରତିଷ୍ଠାନ ସବୁ କୁ ଆନ୍ଦୋଳନ କାରି ମାନେ ବନ୍ଦ କରାଇଥିଲେ ।ସହରରେ ରହିଥିବା ସମସ୍ତ ବିଦ୍ୟାଳୟ ରେ ପଠପଢା ବନ୍ଦ ରହିଥିଲା । ସମ୍ବିଧାନର ଧାରା ୩୪୧ ଓ ୩୪୨ କାୟମ ରଖିବାକୁ ଦାବି ହୋଇଛି। ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ,ସୁପ୍ରିମ୍ କୋଟ ରାୟ ତୁରନ୍ତ ପ୍ରତ୍ୟାହାର, ଭଳି ବିଭିଓ ନାରାଦେଇ ଆଦିବାସ ପୁରୁଷ ମହିଳା ମାନେ ରାସ୍ତାରେ ବସି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ । ବିଷମ କଟକ ବ୍ଲକର ୨୧ଟି ପଂଚାୟତର ବିଭିଓ ଆଦିବାସୀ ଓ ହରିଜନ ସଂଘଠନ ର କର୍ମକର୍ତା ମାନେ ଏକତ୍ରିତ ହୋଇ ଭାରତ ବନ୍ଦକୁ ସଫଳ କରିଥିଲେ ।

# ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ଭାରତ ବନ୍ଦ ପାଳନ

କଳାହାଣ୍ଡି, , ( ମହାଭାରତ ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିଭିଓ ସ୍ଥାନରେ ଏସସି ଏସଟି ଅଧିକାର ସୁରକ୍ଷା ମହାସଂଘର ନେତୃତ୍ୱ ରେ ଭାରତ ବନ୍ଦ ପାଳନ କାର୍ଯ୍ୟକ୍ରମ ରେ ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ । ଏହାର ପ୍ରଭାବ ରେ ବିଭିଓ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ବ୍ୟାଙ୍କ, ଯାନବାହାନ ଚଳାଚଳ ସମ୍ପୂର୍ଣ ବନ୍ଦ ରହିଥିଲା ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଏସସୀ ଏସଟି ମାନଙ୍କର ଉପ ବର୍ଗୀକାରଣ ଏବଂ କ୍ରିମଲ୍ଲିୟାର ସମ୍ବନ୍ଦୀୟ ଅସମ୍ବିଧାନିକ ନିର୍ଣ୍ଣୟ ବିରୋଧରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା ।ଏହି ଅବସରରେ ଏକ ଶୋଭାଯାତ୍ରା ରେ ବଜାର ପଡିଆ ଠାରୁ ବାହାରି ଭାରତ ସରକାରଙ୍କ ବିରୋଧରେ ବିଭିଓ ନାରାବାଜି ଦେଇ ସହର ପରିକ୍ରମା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମାଣିକ୍ୟ ଚନ୍ଦ୍ର ନାଏକ, ସନାତନ ମାଝୀ, ଫୋଟୁ ସିଂ ଭୋଇ, ମହେନ୍ଦ୍ର ମାଝୀ, ଘାସିରାମ ମାଝୀ, ଧନସିଂ ମାଝୀ, କୃଷ୍ଣ ଚନ୍ଦ୍ର ନାଏକ, ମୋନରଞ୍ଜନ ନାଏକ, ବଳଭଦ୍ର ଜାନି, ଗୁରୁବାରୁ ମାଝୀ, ବିକ୍ରମ ମାଝୀ, ସୋମନାଥ ନାଏକ, ଜଳନ୍ଧର ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ତେବେ ଭାରତ ବନ୍ଦ ଡାକରା କାର୍ଯ୍ୟକ୍ରମ ଟି ଶାନ୍ତିପୂର୍ଣ ଭାବେ ଶେଷ ହେଇଥିବା ଜଣା ପଡିଛି ।

## ମରଣଯନ୍ତା ପାଲଟିଛି ଚେପଟିଗାଡିଆ ରାସ୍ତା

# ଗାଁକୁ ଆସିପାରୁନି ଆମ୍ବୁଲାନ୍ସ ବୁହା ହେଉଛନ୍ତି ରୋଗୀ

ହିନ୍ଦୋଳ(ମହାଭାରତ)ଦେଶ ସ୍ୱାଧୀନତା ହେବାର ଅନେକ ବର୍ଷ ବିତିଗଲାଣି,ଅନେକ ସରକାର ମଧ ବଦଳିଲେଣି, ଅନେକ ବିଧାୟକ,ଅନେକ ସାଂସଦ,ଅନେକ ସରପଞ୍ଚ ଗଲେଣିୟ ନିର୍ବାଚନ ଆସିଲେ ଗାଁ କୁ ଆସନ୍ତି ଆଉ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶୃତି ଦିଅନ୍ତିୟର୍ନିବାଚନ ସରିଗଲେ ଭୋଟ ପାଇସାରି ସମସ୍ତେ ଛୁ,ମାତ୍ର ବଦଳୁନି ସର୍ବସାଧାରଣ ରାସ୍ତା ଏବଂ ଏବେ ମଧ ଆଣ୍ଠୁଏ କାଦୁଅ ରାସ୍ତାରେ ଭୋଟର ରାସ୍ତା ପାର ହେଉଛନ୍ତି। ସେହିପରି ଏକ ସ୍ଥାନ ଢେଙ୍କାନାଳ ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତ ୯ ନମ୍ୱର୍



ୱାର୍ଡ ଚେପଟିଗାଡିଆ ରାସ୍ତା। ଯେଉଁରାସ୍ତା ମାଟିକାଦୁଅ ଖାଲଖମଣାରେ ପରିପୂର୍ଣ୍ଣ ଓ ବର୍ଷା ହେଲେ ଏବେବି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଉକ୍ତ ପଞ୍ଚାୟତର ଏହି ଜନବହୁଳ ରାସ୍ତାରେ ପ୍ରାୟ ୫ବର୍ଷ ହେବ ଏଭଳି ସମସ୍ୟା ଲାଗିରହିଛି ଏବଂ ରାସ୍ତାରେ କାଦୁ ହେଉଥିବାରୁ ଗଛ ଡାଳ ପକାଇ ଯିବା ଆସିବା କରୁଛନ୍ତି ଗ୍ରାମବାସୀ। ଚେପଟିଗାଡିଆ ଗ୍ରାମରେ ବାସ କରୁଥିବା ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ଲୋକ କୌଣସି ଜରୁରୀ କାମରେ ଅଫିସ,ମେଡିକାଲ, ସ୍କୁଲ, କଲେଜ ଯିବାକୁ ହେଲେ ନାହିଁ ନଥିବାର ଅସୁବିଧାରେ ପଡିବା ସହ ଜୀବନକୁ ବାଜିରେ ଲଗାଇ ଦିନମାନ କାଳାତିପାତ କରୁଛନ୍ତି ।ଏପରିକି ହାତୀ ଚଳପ୍ରଚଳ କରୁଥିବା ଏହି ବିପଦପୂର୍ଣ୍ଣ ରାସ୍ତା ଗୁଡିକରେ କୌଣସି ଗାଡିଲା, ଆମ୍ବୁଲାନ୍ସ ମଧ ଖରାପ ରାସ୍ତାପାଇଁ ଏ ଅଞ୍ଚଳକୁ ଆସିବାକୁ ଅମଙ୍ଗ ହେଉଛନ୍ତି ।ଏନେଇ ବାରମ୍ବାର ଅଭିଯୋଗ କରିଲେ ମଧ ବ୍ଲକ ପ୍ରଶାସନ, ସ୍ଥାନୀୟ ନିର୍ବାଚିତ ନେତା କେହିମଧ କର୍ଣ୍ଣପାତ କରୁନାହାନ୍ତି ଏବଂ ଭୋଟ ପାଇସାରିଲେ ଭୋଟରଙ୍କୁ ଭକୁଆ ବନେଇ ଚିରାଚରିତ ଢଙ୍ଗରେ ଭୋଟ ଶେଷ ସବୁନାଟ ଶେଷ ଭଳି ଅଣଦେଖା କରିବା ସହ ୫ବର୍ଷ ନିଜପାଇଁ ବ୍ୟସ୍ତରେ ରହିଯାଉଛନ୍ତି ଏଣେ ଲଗାଣ ବର୍ଷାରେ ସେହି ରାସ୍ତାଟି ଆହୁରି ନଷ୍ଟ ହୋଇଯିବା ସହ ଗ୍ରାମବାସୀଙ୍କୁ ଏକପ୍ରକାର ବାହ୍ୟଜଗତରୁ ବିର୍ଚ୍ଛିଣ୍ଣ କରି ରଖିଛି ।ଏନେଇ ପଂଚାୟତର ଗ୍ରାମବାସି କଂସରା ସରପଞ୍ଚ ଏବଂ ହିନ୍ଦୋଳ ବିଡ଼ିଓଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓଲହାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କିତ ଜନ ସଚେତନତା ରଥର ଶୁଭାରମ୍ଭ

ରାୟଗଡ(ମହାଭାରତ): ରାୟଗଡ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟ୍ଟଣାୟକଙ୍କ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କିତ ଜନ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସମଗ୍ର ଜିଲ୍ଲାରେ ସ୍ୱତନ୍ତ୍ର ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କିତ ଜନ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି ଏବଂ ବିଭିନ୍ନ ଡେଙ୍ଗୁ ସଚେତନତା ବାର୍ତ୍ତାନେଇ ଏହି ସୁସଜ୍ଜିତ ରଥ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳ ପରିକ୍ରମା କରିବ । ଏହି ସଚେତନତା ରଥର ଶୁଭଉଦଘାଟନ ଅବସରରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା.ମମତା ସାହୁ, ଜିଲ୍ଲା ମୁଖ୍ୟ



ଚିକିତ୍ସାଳୟ ରାୟଗଡ଼ ର ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ସୁପରିଟେଣ୍ଡେଣ୍ଟ ଡା ବରଦାକାନ୍ତ ମିଶ୍ର , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା ମମତା ଚୌଧୁରୀ , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା ପ୍ରଦୀପ୍ତ କୁମାର ସୁବୁଦ୍ଧି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ରାଜେଶ୍ୱର ରାଓ ପଟ୍ଟନାୟକ, ସହକାରୀକାର୍ଯ୍ୟକ୍ରମ ପରିଚାଳକ (ସହରାଂଚଳ ସ୍ୱାସ୍ଥ୍ୟ ) ଶ୍ରୀ କିରଣ କୁମାର ପତ୍ର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଆଶା, ସ୍ୱାସ୍ଥ୍ୟ କର୍ମୀ, ମହିଳା ଆରୋଗ୍ୟ ସମିତି ସଦସ୍ୟାଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଏହି ସଚେତନତା ରଥର ଶୁଭାରମ୍ଭ କରିବା ଅବସରରେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟ୍ଟଣାୟକ କହିଥିଲେ ଯେ ବର୍ଷା ଋତୁ ରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ବୃଦ୍ଧି ହେବାର ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ଏକ ସଚେତନତା ରଥ ସମଗ୍ର ଜିଲ୍ଲା ପରିକ୍ରମା ସମୟରେ ଜନସାଧାରଣଙ୍କୁ ଡେଙ୍ଗୁ ରୋଗରୁ ରକ୍ଷା ପାଇବା ନିମନ୍ତେ ସଂଗୀତ ମାଧ୍ୟମରେ ବିଭିଓ ସଚେତନତା ବାର୍ତ୍ତା ଯେପରିକି ମଶା ଡିମ୍ବ ଦେଉଥିବା ସ୍ଥାନରୁ ପାଣି ନିଷ୍କାସନ, ନିୟମିତ ମଶାରୀ ବ୍ୟବହାର ଓ ଜ୍ୱର ହେଲେ ସରକାରୀ ଡାକ୍ତରଖାନା ରେ ନିଃଶୁଳ୍କ ରକ୍ତ ପରୀକ୍ଷା କରି ଔଷଧ ଖାଇବା ଆଦି ବାର୍ତା ପ୍ରଦାନ କରିବ।

# ପାଟଣା କୃଷି ବିଭାଗ ପକ୍ଷରୁ ଡିଜିଟାଲ ଫସଲ ସର୍ବେକ୍ଷଣ ଶୁଭାରମ୍ଭ



ପାଟଣା:-(ମହାଭାରତ) ରାଜ୍ୟ ସରକାର ଙ୍କ ଗୁଣାତ୍ମକ ପଦକ୍ଷେପ ଚାଷୀ ମାନଙ୍କ ପାଇଁ ଡିଜିଟାଲ ଫସଲ ସର୍ବେକ୍ଷଣ ଶୁଭାରମ୍ଭ ହୋଇ ଛି। ପାଟଣା କୃଷି ଅଧିକାରୀ ପରେଶ ଦାଶ ଙ୍କ ସଂଯୋଜନା ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ବୀଣାପାଣି ନାୟକ,ବିଡ଼ିଓ ଶିବ ପ୍ରସାଦ ମୁର୍ମୁ,ଅତିରକ୍ତ ବିଡ଼ିଓ ଚିତ୍ତରଞ୍ଜନ ନାଏକ ଉପସ୍ଥିତ ଥିଲେ । ଆଗାମୀ ଦିନ ରେ ଚାଷୀ ମାନ ଚାଷ କ୍ଷେତ୍ର ରେ କିଭଳି ଡିଜିଟାଲ ଫସଲ ସର୍ବେକ୍ଷଣ ମାଧ୍ୟମ ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବା ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଫସଲ ବୀମା ଯୋଜନା ଓ କ୍ଷେତ ରେ ଧାନ,ଶସ୍ୟ ଚାଷ ଠାରୁ ଅମ୍ଳ ରେ ସହଜ ହୋଇ ପାରିବ ଅତିତିକ୍ତ କୃଷି ଅଧିକାରୀ ବର୍ଷା ବୈଶାଳୀ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ର ୨୦ଟି ପଞ୍ଚାୟତ ର ସରପଞ୍ଚ,ସମିତି ସଭ୍ୟ,ରାଜସ୍ୱ ନିରକ୍ଷକ ଅଧିକାରୀ,କୃଷି ବିଭାଗ ର ସୁପରଭାଇଜର,କୃଷକ ସାଥୀ ତଥା ଚାଷୀ ସାମିଲ ହୋଇ ଥିଲେ।

## ନାବାଳିକା ବଳାତ୍କାର ମାମଲା

# ଅଭିଯୁକତକୁ ୨୦ ବର୍ଷ ଜେଲ

କନ୍ଧମାଳ:(ମହାଭାରତ):୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତକୁ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଦୋଷୀକୁ ଅଧିକ ୩ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସାରଙ୍ଗଡ ଥାନା ଅଞ୍ଚଳର ବିପ୍ର ଚରଣ ନାୟକୟ ସୁଚନା ଅନୁସାରେ ଗତ ୨୦୨୨ ମସିହା ଜୁନ ୧୦ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଗାଁ ରାସ୍ତାରେ ଏକୁଟିଆ ଠିଆ ହୋଇଥିଲେ। ନାବାଳିକାର ମାନସିକ ବିକୃତିର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଡ଼ାକି ନେଇ ପାଖ ଜଙ୍ଗଲରେ ବଳାତ୍କାର କରିଥିଲା। ଗ୍ରାମର ଜଣେ ମହିଳା ଏହା ଦେଖି ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଦେଡି ପଳାଇ ଯାଇ ଥିଲା। ନାବାଳିକାର ବାପା ଝିଅ ପାଖରୁ ସମସ୍ତ ଘଟଣା ଶୁଣି ସାରଙ୍ଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣୀ କରି ଫୁଲବାଣୀ ଫାଷ୍ଟ ଟ୍ରାକ ପୋକସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ୧୯ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ୍ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କା ଦେବା ପାଇଁ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତ। ସରକାରଙ୍କ ତରଫରୁ ସ୍ତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ସତ୍ୟ ନାରାୟଣ ରାଜଗୁରୁଙ୍କ ୧୨୨ ତମ ଜୟନ୍ତୀ ପାଳିତ

ଗଜପତି: ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣି ସମାଜ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର,ଜିଲ୍ଲା ସଂସ୍କୃତି ପରିଷଦ ଓ ପଦ୍ମଶ୍ରୀ ଡକ୍ଟର ସତ୍ୟ ନାରାୟଣ ରାଜଗୁରୁ ସ୍ମୃତି ସଂସଦ ପାରଳାଖେମୁଣ୍ଡିର ମିଳିତ ଆନୁକୂଲ୍ୟରେ ୧୨୨ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ପ୍ରଫେସର ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର,ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର,ମୁଖ୍ୟବକ୍ତା ଡକ୍ଟର ଚନ୍ଦ୍ର ଶେଖର ହୋତା,ସମ୍ମାନିତ ଅତିଥି ଡକ୍ଟର ରୀନାସାହୁ, ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ, ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା,ଶିକ୍ଷାବିତ୍ ବିଚିତ୍ରା ନନ୍ଦ ବେର୍ବା ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଭକ୍ତି ସଂସଦର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।ଡକ୍ଟର ଚନ୍ଦ୍ର ଶେଖର ହୋତାଙ୍କୁ ସମ୍ମାନ ଜନକ ପଦ୍ମଶ୍ରୀ ଡ ସତ୍ୟ ନାରାୟଣ ରାଜଗୁରୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ ବୃନ୍ଦାବନ ସୁଆରଙ୍କ ଉତ୍କଳ ଗୌରବ ପୁସ୍ତକ ଓ ଆଚାର୍ଯ୍ୟ ବିନୋଦ ଜେନାଙ୍କ ଗଜପତିର ପର୍ଯ୍ୟଟନ ବିଭବ ପୁସ୍ତକ ଦ୍ୱୟ ଉନ୍ମୋଚନ କରାଯାଇଥିଲା। ତା ପରେ ଆଚାର୍ଯ୍ୟ ବିନୋଦ ଜେନା ବିବରଣୀ ପାଠ କରିଥିଲେ। ଆଶାଲତା ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଲଣ୍ଡାଜୁଆଳି ଗ୍ରାମ ନିକଟରୁ ବେଆଇନ ଦେଶ ମଦ ସହ ଜଣେ ଗିରଫ

ଆସିକା: ଗଞ୍ଜାମ ଜିଲ୍ଲା ଚିକିଟି ମଦ ମୃତ୍ୟୁ ଘଟଣା ପରେ ଆସିକା ଅବକାରୀ ବିଭାଗ ର ଭାଙ୍ଗିଛି ନିଦ । ଅଞ୍ଚଳର ର ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ମଦ ବିକ୍ରି ଉପରେ ରୋକ ଲଗାଇବା ଲାଗି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜୋରଦାର କରାଯାଇଛି । ଆଜି ଆସିକା ଅବକାରୀ ରେଞ୍ଜ ଓ ଥାନା ପକ୍ଷରୁ ମିଳିତ ଭାବେ ଗାଙ୍ଗପୁର ଥାନା ଅଧିନ ଲଣ୍ଡାଜୁଆଳି ଗ୍ରାମ ନିକଟ ରେ ଚଢ଼ାଉକରୀ ୧୯ ଲିଟର ବେଆଇନ ଦେଶୀ ମଦ ସହ ଜଣେ ବ୍ୟକ୍ତି କୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ବ୍ୟକ୍ତି ସେହି ଗ୍ରାମର ୫୬ ବର୍ଷୀୟ ସୁରେନ୍ଦ୍ର ନାୟକ ହୋଇଥିବା ଜଣାପଡିଛି ।ଲଣ୍ଡାଜୁଆଳି ଗ୍ରାମ ନିକଟରେ ବେଆଇନ ମଦ ବିକ୍ରି ହେଉଥିବା ନେଇ ଅବକାରୀ ବିଭାଗ ପାଖକୁ ବହୁବାର ଅଭିଯୋଗ ହେଉଥିବା ବେଳେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ମଦ ସହ ଜଣେ ବ୍ୟକ୍ତି କୁ ଗିରଫ କରିବା ସହ ପି ଆର ନଂ ୧୧୩ / ୨୪-୨୫ ଏବଂ କେସ ନଂ - ୪୪୨ /୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

# ଶିଶୁ ପାଇଁ ଦିନଟିଏ, ବେଟି ବଞ୍ଚାଓ ବେଟି ପଢାଓ

ଅସ୍ତରଙ୍ଗ, (ମହାଭାରତ) - ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତ ସମିତି ପରିସରରେ ଥିବା କନଫରେନ୍ସ ହଲ୍ ଭିତରେ ଆଜି ରାଜ୍ୟ ସରକାର ଙ୍କ ଶିଶୁ ପାଇଁ ଦିନଟିଏ ବେଟି ବଞ୍ଚାଓ ବେଟି ପାଓ କାର୍ଯ୍ୟକ୍ରମ ଅସ୍ତରଙ୍ଗ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଙ୍କ ତରଫରୁ ଅନୁଷ୍ଠିତ ହୋଇଯାଇଛି, ଏହି କାର୍ଯକ୍ରମ ଟି ପଞ୍ଚାୟତସମିତି ଉପାଧକ୍ଷ ଶ୍ରୀଯୁକ୍ତ ଦୁର୍ଜ୍ଜୟ ମିଶ୍ର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର ନିବେଦିତା ଦୀକ୍ଷିତ, ଓ ମହିଳା ଶିଶୁ ବିକାଶ ବିଭାଗ ର ସୁପରଭାଇଜର ଲକ୍ଷ୍ମୀପ୍ରିୟା ମହାନ୍ତି, ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଗୁଣମାନି ଜେନା ଅତିଥି ରୂପେ ଯୋଗ ଦେଇଥିଲେ, ଏହି କାର୍ଯ୍ୟକ୍ରମ ରେ ଡିସେମ୍ବର ୨୩ ରୁ ଚଳିତ ଜୁନ ମାସ ଭିତରେ ଜନ୍ମିତ ଝିଅ ଙ୍କ ସହିତ ତାଙ୍କ ଜନ୍ମଦାତ୍ରୀ ମା ଉପସ୍ଥିତ ହୋଇଥିଲେ। ସଂସାର ରେ ଝିଅ ମାନଙ୍କ ଆବଶ୍ୟକତା, ଆଜିର ନାରୀ କିପରି ଅନେକ ଯୋଗ୍ୟତା ହାତେଇବା ସହ ବିଭିନ୍ନ ସମ୍ମାନ ର ଅଧିକାରି ହୋଇପାରିଛି ସେ ବାବଦରେ ଉପସ୍ଥିତ ଅତିଥି ବୃନ୍ଦ ମା ମାନଙ୍କୁ ବୁଝାଇଥିଲେ, ଏବଂ ଝିଅ ଜନ୍ମ ଏକ ଲକ୍ଷ୍ମୀ ଜନ୍ମ ସହିତ ସମାନ ବୋଲି ଅତିଥି ବୃନ୍ଦ କହିଥିଲେ, ତା ସହିତ ଉପସ୍ଥିତ ମା ମାନଙ୍କୁ ସାର୍ଟିଫିକେଟ, ଗୋଟେ ଗୋଟେ ଗଛ ସହିତ ମିଠା ବନ୍ତ କରାଯାଉ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିଶୁ ଯେମିତି ଛୋଟ ଗଛ ବି ସେମିତି, ଆଉ ଏହି ଗଛ ଏକ ଶିଶୁ କନ୍ୟା ସହିତ ସମାନ, ଏହି ବାବଦରେ ଆଲୋଚନା ପର୍ଯ୍ୟାୟ କ୍ରମେ ହୋଇ ସଭା ଶେଷ ରେ ସଭାସାଙ୍ଗ ହୋଇଥିଲା ।

# ରାଇଘର ବ୍ଲକ ଅଧକ୍ଷ ପଦ ନିର୍ବାଚନରେ ବାଜି ମାରିଲା ବିଜେଡିୟ



ନବରଙ୍ଗପୁର ଜିଲ୍ଲା (ମହାଭାରତ) ରାଇଘର ବ୍ଲକ ରେ ଖାଲି ପଡ଼ିଥିବା ଅଧକ୍ଷ ପଦ ପାଇଁ ବିଜେଡି ଓ ବିଜେପି ପକ୍ଷରୁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାଥୀ ଗୁପ୍ତ ପ୍ରସାଦ ଝାଙ୍କର ଓ ବିଜେପି ସମର୍ଥିତ ସମିତିସଭ୍ୟ ପ୍ରାଥୀ ତୃପ୍ତିରଞ୍ଜନ ମାଝୀ ନାମାଙ୍କନ ଦାଖଲ କରିଥିଲେୟସରକାରଙ୍କ ନିୟମ ଅନୁଯାୟୀ ଆଜି ଦିନ ୧୨.୦ ରୁ ୨.୦୦ ଯାଏଁ ଅଧକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲ। ନିର୍ଦ୍ଧାରିତ ସମୟ ପରେ ବିଜୟ ହୋଇଥିବା ପ୍ରାର୍ଥୀ ଙ୍କ ନାମ କୁ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ଲାଭ କରିବା ପରେ ରାଇଘର ବ୍ଲକ ବିଜେଡି ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ବିଜେଡି ସମର୍ଥିତ ପାର୍ଥି ଗୁପ୍ତ ପ୍ରସାଦ ଝାଙ୍କର ଙ୍କୁ ୧୬ ଖଣ୍ଡ ଭୋଟ ପାଇ ବିଜୟ ହୋଇ ଥିବା ବେଳେ ବିଜେପି ସମର୍ଥିତ ପାର୍ଥି ଙ୍କୁ ୭ ଭୋଟ ମିଳିଥିଲା ଏବଂ ଗୋଟିଏ ଭୋଟ ନାକଚ ହୋଇଛି।

# କାହିଁକି ରୂପାନ୍ତରିତ କାର୍ଯ୍ୟକୁ କରାଯାଉଛି ବିରୋଧ ?

**ଅସ୍ତରଙ୍ଗ,(ମହାଭାରତ) :** ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଉଦୟପୁର ବିଦ୍ୟାପୀଠ, ଏହି ବିଦ୍ୟାପୀଠରେ ୮ମ ରୁ ୧୦ ମ ପର୍ଯ୍ୟନ୍ତ ପ୍ରାୟ ୧୦୦ ରୁ ଉର୍ଦ୍ଧ ପିଲା ପାଠ ପଢୁଥିବା ବେଳେ ଏମାନଙ୍କ ଭିତରେ ରହିଛି ଏକ ଭାଇ ଚାରାର ସୁ ସମ୍ପର୍କ, ଏକାଠି ପାଠ ପଢିବା ସହ ନିଜ ନିଜ ଭିତରେ ଏମାନଙ୍କ ଭିତରେ ଗଢି ଉଠିଛି ଏକ ନିଆରା ବନ୍ଧୁତ୍ୱ, କିନ୍ତୁ ଦୀର୍ଘ ବର୍ଷ ହେବ ଏହି ବିଦ୍ୟାଳୟ ଉପରେ କାହାର ଶୁଭଦୃଷ୍ଟି ପଡିନି, ୨୦୨୨-୨୩ ଶିକ୍ଷା ବର୍ଷ ରେ ତତକାଳୀନ ରାଜ୍ୟ ସରକାରଙ୍କ ତରଫରୁ ରୂପାନ୍ତରିତ କାର୍ଯ୍ୟ ରେ ଏହି ବିଦ୍ୟାଳୟ ର ଉନ୍ନତିକରଣ ପାଇଁ ଆସିଥିଲା ୬୦ ଲକ୍ଷ ଟଙ୍କା, ବିଦ୍ୟାଳୟ କର୍ତୃପକ୍ଷ ଏଥିରୁ ୫୦ ଲକ୍ଷ ଟଙ୍କା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଙ୍କ ଖାତା କୁ ବିଦ୍ୟାଳୟ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ହସ୍ତାନ୍ତର କରିବା ସହ ଏହି ବିଦ୍ୟାଳୟ ର ସମସ୍ତ କାର୍ଯ୍ୟ ବ୍ଲକ ପ୍ରଶାସନ ଉପରେ ନ୍ୟସ୍ତ କରିଛନ୍ତି, ଯାହାକୁ ନେଇ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଜିତେନ୍ଦ୍ର ମିଶ୍ର ପ୍ରତିକ୍ରିୟା ରଖିଛନ୍ତି, ଏଥିରୁ ସ୍ପଷ୍ଟ



ପ୍ରମାଣିତ ହୋଇଛି ଏହି ରୂପାନ୍ତରିତ କାର୍ଯ୍ୟ ବିଦ୍ୟାଳୟ କର୍ତୃପକ୍ଷ ଙ୍କ ଅନୁମତି ସହିତ ଜଡିତ ଅଛି, ତେବେ କାହିଁକି କିଛି ଅଭିଭାବକ ଏହାକୁ ନେଇ ଆନ୍ଦୋଳନ କରିବା, ଧାରଣା ଦେବା, ପାଠ ପଢା ଅଧାରୁ ଛାତ୍ରଛାତ୍ରୀ ଙ୍କ ଟିସି ଆବେଦନ କରିବା ଭଳି କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ, ଛାତ୍ରଛାତ୍ରୀଙ୍କ ପାଠପଢ଼ା ରେ ବ୍ୟାହତ ସୃଷ୍ଟି ହେଉଥିବା ପରିଲିକ୍ଷିତ ହୋଇଛି, ବିଦ୍ୟାଳୟ ଏକ ସାର୍ବଜନୀନ ଅନୁଷ୍ଠାନ ବା ବିଦ୍ୟାର ମନ୍ଦିର, ଏହା ଏକ ପବିତ୍ର ଅନୁଷ୍ଠାନ ଓ ଶାନ୍ତିକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ, ତେବେ କାହିଁକି ଏଠି କିଛି ଲୋକଙ୍କୁ ନେଇ ବିଶୃଙ୍ଖଳା ପରିବେଶ ସୃଷ୍ଟି ହେଉଛି ତାହା ଏବେ ସନ୍ଦେହ ଘେରରେ, ବିଦ୍ୟାଳୟର ଉନ୍ନତି ହେଲେ ଏଠି ଅନେକ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ଆଗ୍ରହି ହେବେ, ତା ସହିତ ବିକାଶ ର କିଛି ଫର୍ଦ୍ଦ ଏହି ପଞ୍ଚାୟତରେ ସାମିଲ ହେ୍ୱ ସହ ରୂପାନ୍ତରିତ ବିଦ୍ୟାଳୟ ଗାଁ ପରିବେଶ କୁ ଆହୁରି ମର୍ଯ୍ୟାଦା ସମ୍ପନ୍ନ କରିବ, କିନ୍ତୁ କାହିଁକି କିଛି ଲୋକ ଏହି ରୂପାନ୍ତରିତ କାର୍ଯ୍ୟ କୁ ବିରୋଧ କରିବା ସହ ଏହି କାର୍ଯ୍ୟ ବିରୋଧ ରେ ସ୍ୱର ଉତ୍ତୋଳନ କରୁଛନ୍ତି ତାହା ବୁଝାପଡୁନାହିଁ, ଏହି ବାବଦରେ ବିଭାଗୀୟ ଅତିରିକ୍ତ ଯନ୍ତ୍ରୀ ସନ୍ତୋଷ ସେଠି କାହାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି ତାହା ସ୍ପଷ୍ଟୀକରଣ କରିଛନ୍ତି, ଆଉ ଏହା ବ୍ଲକ ପ୍ରଶାସନ ର ଉନ୍ନତିମୂଳକ କାର୍ଯ୍ୟ ଏହାକୁ ବ୍ଲକ ପ୍ରଶାସନ ସୁଚାରୁ ରୂପେ କରୁଛି, ଏହାକୁ ନେଇ କିଛି ବିଶୃଙ୍ଖଳା ନକରିବାକୁ ପରାମର୍ଶ ମଧ ଦେଇଛନ୍ତି, ସେହିପରି ଏହି ୱାର୍ଡ ର ୱାର୍ଡ ସଭ୍ୟା ଶୁଭଶ୍ରୀ ନାୟକ ଏହି ଉନ୍ନୟନ ମୂଳକ କାର୍ଯ୍ୟ କୁ ସଭିଙ୍କ ସହଯୋଗ ଭିକ୍ଷା କରିବା ସହ ଆମ ବିଦ୍ୟାଳୟ କୁ ରୂପାନ୍ତରିତ କରିବା ପାଇଁ ସବୁ ଅଭିଭାବକ ଙ୍କୁ ଏକ ମନ ହୋଇ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି, କିନ୍ତୁ କାହିଙ୍କି ଏହାକୁ କିଛି ଲୋକ ବିରୋଧ କରୁଛନ୍ତି, ଏହା ପଛରେ ରହସ୍ୟ କଣ ରହିଛି ତାହା କୁ ସ୍ପଷ୍ଟୀକରଣ କରିବା ସହ ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟକୁ ସଫଳ ରୂପରେଖ ଦେବା ପାଇଁ କିଛି ବରିଷ୍ଠ ଶିକ୍ଷାବିତଙ୍କ ସମେତ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

# ବିଜେଡି ସଙ୍ଗଠନକୁ ସୁଦୃଢ ରଖିବା ପାଇଁ ଅଣ୍ଟା ଭିଡିଲେ ନେତା ଓ କର୍ମୀ

**ଦଶରଥପୁର,(ମହାଭାରତ) :** ଦଶରଥପୁର ବ୍ଲକର କୟାଁ ପଞ୍ଚାୟତଟି ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟେ । ଏହି ନିର୍ବାଚନ ମଣ୍ଡଳୀରୁ ଲଗାତାର ଭାବେ ସପ୍ତମଥର ପାଇଁ ପ୍ରମିଳା ମଲ୍ଲିକ ବିଧାୟିକା ଭାବେ ବିଜୟ ଲାଭ କରିଥିବା ବେଳେ କୟାଁ ପଞ୍ଚାୟତର ବିକାଶ ପାଇଁ ବିଧାୟିକା ପ୍ରମିଳା ମଲ୍ଲିକ ସବୁବେଳେ ଗୁରୁତ୍ୱ ଦେଇ ଆସିଥାନ୍ତି । ଚଳିତ ସାଧାରଣ ନିର୍ବାଚନରେ ଦଶରଥପୁର ବ୍ଲକ ଅଧିନ ବିଂଝାରପୁର ନିର୍ବାଚନ ମଣ୍ଡଳୀର ମୋଟ ୧୫ ଗୋଟି ପଞ୍ଚାୟତ ମଧ୍ୟରୁ କୟାଁ ପଞ୍ଚାୟତ ୫୮୧ ଖଣ୍ଡ ଭୋଟ ଲିଡ଼ ଦେଇଥିବାରୁ କୟାଁ ପଞ୍ଚାୟତର ନେତା ଓ କର୍ମୀ ମାନଙ୍କ ଉପରେ ବିଧାୟିକା ଶ୍ରୀମତୀ ମଲ୍ଲିକ ଆସ୍ଥା ପ୍ରକଟ କରିଛନ୍ତି । ପଞ୍ଚାୟତରେ କର୍ମୀ ଓ ନେତା ମାନଙ୍କ ମଧ୍ୟରେ ସଂଗଠିତ ହୋଇ ରହିବା ଓ ଆଗାମୀ ଦିନରେ ପଞ୍ଚାୟତରେ କିପରି ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ଏବଂ ବିଯୁଜନତା ଦଳର କର୍ମୀ ମାନଙ୍କ ମଧ୍ୟରେ କିପରି ଏକତା ବଜାୟ ରହିବ ସେଥିନେଇ ବୁଧବାର ସନ୍ଧ୍ୟାରେ ମଙ୍ଗଳପୁର ଠାରେ ଥିବା



ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବାସ ଭବନରେ କୟାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକଙ୍କ ଆହ୍ୱାନ କ୍ରମେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କୟାଁ ପଞ୍ଚାୟତର ବିଜେଡି ସଭାପତି ଚଉବନ ବାରିକ, ସମିତିସଭ୍ୟ ରୋଶନ ଦାସ, ନାଏବ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନେତା ପଞ୍ଚାନନ ମଲ୍ଲିକ, ଦେବଦତ୍ତ ନାୟକ, ପ୍ରତାପ କୁମାର ନାୟକ, ପୂର୍ବତନ ସରପଞ୍ଚ ପ୍ରଶେଷ ସୁତାର, ଉମେଶ ଦାସ, ରବୀନ୍ଦ୍ର ସାହାଣୀ, ହିମାଂଶୁ ନାୟକ, ଅଲେଖ ଦାସ, ଅଞ୍ଜଳ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ମନୋଜ ମହାକୁଡ଼, ମଣ୍ଟୁ ବାରିକ, ନିର୍ମଳ ସାହାଣୀ, ଅଦୈତ ସ୍ୱାଇଁ, ବଟକୃଷ୍ଣ ଦାସ, ଜିବେଶ ନାୟକ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବୈଠକରେ ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତରେ କିପରି ସାଧାରଣ ଲୋକ, ନେତା ଓ କର୍ମୀ ମାନଙ୍କ ମଧ୍ୟରେ ଏକତା ବଜାୟ ରହିବ ଏବଂ ପଞ୍ଚାୟତର ଉନ୍ନତି ପାଇଁ କିପରି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେଥିନେଇ ବୈଠକରେ ମୁଖ୍ୟତ ଆଲୋଚନା କରାଯାଇଥିଲା । ଏଥିସହ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ କୟାଁ ପଞ୍ଚାୟତରେ ବିଯୁଜନତା ଦଳର କର୍ମୀ ଓ ନେତା ମାନେ ସଂଗଠିତ ହୋଇ ରହିବା ସହ ଆଗାମୀ ଦିନରେ ବିଂଝାରପୁର ବିଧାୟିକାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ବୈଠକରେ ଯୋଗଦେଇଥିବା କର୍ମୀ ଓ ନେତା ମାନେ ଶପଥ ନେବା ପାଇଁ ପଞ୍ଚାୟତର ବିଜେଡି ସଭାପତି ଚଉବନ ବାରିକ ଆହ୍ୱାନ ଦେଇଥିଲେ । ଏଥିସହ କୟାଁ ପଞ୍ଚାୟତରେ ବିଯୁଜନତା ଦଳର ସଙ୍ଗଠନ ଆଗରେ ଭାରତୀୟ ଜନତା ପାର୍ଟିର ସଙ୍ଗଠନକୁ ମୁଣ୍ଡ ଟେକିବା ପାଇଁ ଦିଆଯିବ ନାହିଁ ବୋଲି କର୍ମୀ ଓ ନେତା ମାନେ ବଜ୍ର ଶପଥ ନେଇଥିଲେ । ଶେଷରେ ସରପଞ୍ଚ ମନ୍ଦାକିନୀ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା ପାୱାରର ମୁଖ୍ୟ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ବରଗଡ଼,(ମହାଭାରତ) :** ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ସଂଘର ଏକ ପ୍ରତନିଧି ମଣ୍ଡଳୀ ଅଧିକ ବିଦ୍ୟୁତ ବିଲ ଆସୁଥିବା ଏବଂ ସ୍ମାର୍ଟ ମିଟର ପରିବର୍ତ୍ତେ ପୂର୍ବରୁ ଦିଆ ଯାଉଥିବା ମିଟରକୁ ପୁନଃ ପ୍ରଚଳନ କରିବା ସହିତ ବାରମ୍ବାର ବିଦ୍ୟୁତ ସରବରାହ ବନ୍ଦ ରହୁଥିବା ଆଦି ବିଭିନ୍ନ ଦାବି ନେଇ ମୁଖ୍ୟଯନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ପଣ୍ଡାଙ୍କ ସହିତ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଉପଭୋକ୍ତା ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । କେତେକ ଗ୍ରାମରେ ସ୍ମାର୍ଟ ମିଟର ଖୋଲି ଟାଟା ପାୱାର ବିରୁଦ୍ଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିଷୟରେ ମଧ ଚର୍ଚ୍ଚା କରାଗଲା । ତାଙ୍କ ମତ ରହିଲା ସ୍ମାର୍ଟ ମିଟର ଭଲ ଏଥିରେ କୌଣସି ତ୍ରୁଟି ନାହିଁ ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ ତାକୁ ଆମେ ପରିବର୍ତ୍ତନ କରି ଦେବା କିନ୍ତୁ ସଙ୍ଘ ସନ୍ତୁଷ୍ଟ ହେଲା ନାହିଁ । ଯଦି ଏହାର ଉଚିତ ସମାଧାନ ନ ବାହାରେ ତାହାହେଲେ ଭବିଷ୍ୟତରେ ରେ ତୀବ୍ର ବିରୋଧ କରାଯିବ । ଉକ୍ତ ଆଲୋଚନା ସମୟରେ ବିଦ୍ୟୁତ ଉପଭୋକ୍ତା ସଙ୍ଘର ଉପସଭାପତି ଶ୍ରୀ ବିଷ୍ଣୁ ଚରଣ ଦାଶ, ସମ୍ପାଦକ ସରଦାର ପ୍ରୀତମ ସିଂ ବରିଷ୍ଠ ସଦସ୍ୟ ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା, କୋଷାଧକ୍ଷ ଶ୍ରୀ କମଳ ଯୋଶୀ, ଶ୍ରୀ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ, ଶ୍ରୀ ତୁଳସୀ ଚରଣ ଦାଶ, ଶ୍ରୀ ଆଶୁତୋଷ ରଥ, ଶ୍ରୀମତୀ ପ୍ରୀତି ଗୁରୁ, ଶ୍ରୀମତୀ ଆରତୀ ଗୋୟଲ, ମହମ୍ମଦ ନିଜାମ ଉପସ୍ଥିତ ରହି ଚର୍ଚ୍ଚାରେ ଅଂଶଗ୍ରହଣ କରିଥିଲ ।

# ବନ୍ଧନ ବ୍ୟାଙ୍କ ମ୍ୟାନେଜରଙ୍କୁ ମାଡ଼ ଓ ଅଫିସ ଭଙ୍ଗାରୁଜା ଘଟଣାରେ ଜଣେ ଗିରଫ

**ଆସିକା,(ମହାଭାରତ) :** ଆସିକା ଖମ୍ବେଶ୍ୱେରୀ ପାଟଣାରେ ଥିବା ବନ୍ଧନ ବ୍ୟାଙ୍କ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥାର ମ୍ୟାନେଜର ଓ ଫିଲଡ ଅଫିସର ଙ୍କୁ ଘରେ ରଖି ମାଡ଼ ମାରିବା ଏବଂ ଅଫିସ ଭଙ୍ଗାରୁଜା କରିବା ଘଟଣାରେ ଜଣଙ୍କୁ ଗିରଫ କରିଛି ଆସିକା ପୋଲିସ । ଗିରଫ ଜଣଙ୍କ ହେଲେ ଆସିକା ଶାସ୍ତ୍ରୀ ନଗର ର ପଦ୍ମ ଲୋଚନ ଶତପଥୀ । ପ୍ରକାଶ ଥାଉକି ଗତ କିଛି ଦିନ ତଳେ ବନ୍ଧନ ବ୍ୟାଙ୍କ ନାମକ ଅର୍ଥ ଲଗାଣକାରୀ ସଂସ୍ଥା ଅଧୀନରେ ଲାଲା ଶାସନ ଗ୍ରାମର ଜଣେ ମହିଳା ଋଣ କାରବାର ସମୟରେ ମୃତ୍ୟୁ ବରଣ କରିଥିଲେ । ଏହାର ନମିନି ମୁତାବକ ତାଙ୍କ ପରିବାର ଲୋକଙ୍କୁ ଅର୍ଥ ଲଗାଣକାରୀ ସଂସ୍ଥା ଠାରୁ କିଛି ଆର୍ଥିକ ସହାୟତା ମିଳିବା ଥିଲା । ଏହାକୁ ନେଇ ଗତ ୧୭/୦୮/୨୪ ରେ ବନ୍ଧନ ବ୍ୟାଙ୍କ ଜଣେ ଫିଲଡ ଅଫିସର କୌଣସି କାର୍ଯ୍ୟରେ ଲାଲା ଶାସନ ଅଂଚଳକୁ ଆସିବା ସମୟରେ ତାକୁ ଅଶୋକ ଦାଶ ଏବଂ ତାଙ୍କ ସାଙ୍ଗପଦ୍ମଲୋଚନ ଶତପଥୀ ଉଭୟେ ମିଶି ଉକ୍ତ ବ୍ୟକ୍ତିର ଟଙ୍କା ନମିଳିବା ବିଷୟରେ ପଚାରିଥିଲେ । ସେ ସନ୍ତୋଷ ଜନକ ଉତ୍ତର ନଦେବାରୁ ତାର ମୋଟର



ସାଇକେଲ କୁ ଛଡାଇ ରଖିଥିଲେ । ଏହି ଫିଲଡ ଅଫିସର ଜଣଙ୍କ ତାଙ୍କ ଶାଖା ପରିଚାଳକଙ୍କୁ କହିଥିଲେ । ଗତ ୨୧ ତାରିଖରେ ମେନେଜର ଏବଂ ଅନ୍ୟ ଜଣେ ଫିଲଡ ଅଫିସର ଉଭୟ ଲାଲା ଶାସନରେ ପହଞ୍ଚି ଗାଡି ଦେବାକୁ ଅନୁରୋଧ କରିଥିଲେ । କିନ୍ତୁ ଅଶୋକ ଏବଂ ପଦ୍ମ ଉଭୟେ ମିଶି ମେନେଜର ଏବଂ ଫିଲଡ ଅଫିସରକୁ ଗୋଟିଏ ଘରେ ରଖି ମାଡ଼ ମାରି ଟଙ୍କା ଦେବାକୁ କହିଥିଲେ । ସେମାନେ ଭୟରେ ନିଜ ଶାଖାରେ ଥିବା ୯୮ ହଜାର ଟଙ୍କା ଦେଇଥିଲେ । କିନ୍ତୁ ଉଭୟେ ଟଙ୍କା ରଖି ଆହୁରି ଅଧିକ ଟଙ୍କା ଦେବାକୁ ଦାବୀକରି ଖମ୍ବେଶ୍ୱେରୀ ପାଟଣା କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଟଙ୍କା ନଦେବାରୁ ଅଫିସ ର କମ୍ୟୁଟର, ପ୍ରିଣ୍ଟର ସମେତ ଅଫିସ ର ବହୁ ନଥିପତ୍ର ନଷ୍ଟ କରିଥିଲେ । ଏସମ୍ପର୍କରେ ଶାଖା ମେନେଜର ଶଶିକାନ୍ତ ମଲ୍ଲିକ ଏକ ଲିଖିତ ଅଭିଯୋଗ ଆସିକା ଥାନାରେ ପ୍ରଦାନ କରିଥିଲେ । ଆସିକା ପୋଲିସ ଥାନା କେସ ନମ୍ବର ୫୨୦/୨୪ ଦଫା ୧୨୭(୧)/୧୨୭(୨)/ ୨୯୬/୧୧୫(୨) /୩୦୯(୪)/୩୦୮(୨)/୩୨୪(୫)/୩୩୩/ ୩(୫) ବି ଏନ ଏସରେ ଏକ ମାମଲା ରୁଜୁ କରି ଶାସ୍ତ୍ରୀ ନଗରର ପଦ୍ମ ଲୋଚନ ଶତପଥୀ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି । ସଂସ୍ଥାର ଦୁଇଟି ମୋଟର ସାଇକେଲ କୁ ଉଦ୍ଧାର କରାଯାଇଛି । ଏହି ଘଟଣା ରେ ଅନ୍ୟ ଜଣେ ଅଶୋକ ଦାଶ ଫେରାର ରହିଛି ।

# ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଆସିକା,(ମହାଭାରତ) :** ଆସିକା ପଞ୍ଚାୟତ ସମିତି ଦ୍ୱାରା ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଚାରିମାଇଲି ଛକ ନିକଟ ନଗର ବନ ଠାରେ ଆସିକା ବିଡ଼ିଓ



ଫକୀର ଚରଣ ପରିଡା, ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ମିଳିତ ଭାବେ ପ୍ରାୟ ୫୦ ରୁ ଉର୍ଦ୍ଧ ବିଭିନ୍ନ ପ୍ରକାର ମୂଲ୍ୟବାନ ଚାରା ରୋପଣ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ନିର୍ବାହୀ ଯନ୍ତ୍ରୀ ଇ.ଅଶୋକ ଶତପଥୀ, ଗ୍ରାମ୍ୟ ଜଳ ପରିମଳ ବିଭାଗର ଯନ୍ତ୍ରୀ ଇ. ଶ୍ରୀନିବାସ ରାଓ, ବ୍ଲକର ସହକାରୀ କନିଷ୍ଠ ଯନ୍ତ୍ରୀ ଅଶୋକ ଶତପଥି, ବନ କ୍ଷେତ୍ର ଅଧିକାରୀ ଶରତ ବେହେରା, ମିଶନ ଶକ୍ତି ବିପିସି ଚନ୍ଦ୍ର ଶେଖର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଅନେକ ଗ୍ରାମବାସୀ ସିଆରପି, ଏମ ବି କେ,ବନ କର୍ମଚାରୀ, ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ ।

## ମା ପାଇଁ ଗଛଟିଏ ଉପଲକ୍ଷେ ବିରୁହାଁ ପଞ୍ଚାୟତରେ ବୃକ୍ଷରୋପଣ

**ଦଶରଥପୁର,(ମହାଭାରତ) :** ବିଶ୍ୱପରିବେଶ ତଥା ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ଆଜି ଦଶରଥପୁର ବ୍ଲକ ବିରୁହାଁ ପଞ୍ଚାୟତରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିରୁହାଁ ପଞ୍ଚାୟତର ସରପଞ୍ଚ ସୁବାସ ଦେବତା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଟିକୁ ଶୁଭାରମ୍ଭ କରିଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମ, ଶିକ୍ଷାନୁଷ୍ଠାନ, ରାସ୍ତା, ମନ୍ଦିର ଆଦି ବିଭିନ୍ନ ସ୍ଥାନ ମାନଙ୍କରେ ବୃକ୍ଷ ରୋପଣ କରାଯିବ ବୋଲି ସରପଞ୍ଚ ସୁବାସ ଦେବତା କହିଛନ୍ତି ।



# ବର୍ଷବର୍ଷ ଧରି ରହିଛନ୍ତି ଏକାଧିକ ଅଧିକାରୀ

**କୋକସରା,(ମହାଭାରତ) :** ସରକାରୀ ନିୟମ ମୁତାବକ ଗୋଟିଏ ସରକାରୀ ଚାକିରିଆକୁ ତିନି ବର୍ଷ ମଧ୍ୟରେ ଅନ୍ୟତ୍ର ବଦଳି କରିବାର କଡ଼ା ନିୟମ ରହିଛି । ହେଲେ କୋକସରା ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଏକାଧିକ ଅଧିକାରୀ ଓ କର୍ମଚାରୀ ବର୍ଷ ବର୍ଷ ଧରି ଆସନ ଜମାଇ ବସିଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗୋଟିଏ ବ୍ଲକରେ ଏକାଧିକ ବର୍ଷ ଧରି ରହିଥିଲେ ମଧ କାହିଁକି ବଦଳି କରାଯାଉ ନାହିଁ । ଯାହାକୁ ନେଇ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି ।କୋକସରା ବ୍ଲକ କାର୍ଯ୍ୟାଳୟର ଏକ ନିର୍ଦ୍ଦିଷ୍ଟ ଅଧିକାରୀ ଦିର୍ଘ ୮ବର୍ଷ ହେବ ରହିଥିବା ବେଳେ ଅନେକ ଦିନ ହେବ ଦୁଇଟି ବିଭାଗର ଦାୟିତ୍ୱ ମଧ ସମ୍ଭାଳି ଆସୁଛନ୍ତି । ଏହି ଅଧିକାରୀ ଜଣକ ଦିର୍ଘ ବର୍ଷ ଧରି ରହିବା ଫଳରେ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ନିର୍ବାହ କରୁ ନଥିବାବେଳେ ବ୍ଲକର




ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ ମଧ କରିଥାନ୍ତି । ଯାହାକୁ ନେଇ ତଳିଆ କର୍ମଚାରୀ ସମେତ ସାଧାରଣ ଲୋକେ ମଧ ତାଙ୍କ କାର୍ଯ୍ୟରେ ଅତିଷ୍ଠ ହେଉଥିବା ଅଭିଯୋଗ ହେଉଛି । ସେହିପରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଜଣେ ଯନ୍ତ୍ରୀ ଏଠାରେ ଦିର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରହିଥିବା ବେଳେ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଭାବରେ ମଧ ପଦୋନ୍ନତି ହୋଇ ସାରିଛି । ତଥାପି ଏହି ବ୍ଲକରୁ ବଦଳି ନହୋଇ ଆସନ ମାଡ଼ି ବସିଛନ୍ତି । ସେହିପରି ଗୋଷ୍ଠୀ ଶିକ୍ଷା ବିଭାଗର ଜଣେ ଅତିରିକ୍ତ ଶିକ୍ଷା ଅଧିକାରି ଦିର୍ଘ ବର୍ଷରୁ ଏହି ବ୍ଲକରେ ରହିଛନ୍ତି । ଅଧିକାରୀ ଜଣକ ନିଜ ବ୍ଲକର ହୋଇଥିବାରୁ ବିଭିନ୍ନ ସମୟରେ ଶିକ୍ଷକଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ ଆସୁଥିଲେ ମଧ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ନକରି ଘଣ୍ଟ ଘୋଡାଉଥିବା ଚର୍ଚ୍ଚା ଆଲୋଚନା ହେଉଛି । ସେହିପରି କୋକସରା ଥାନାର ଜଣେ ଏସ୍ଆଇ ଦିର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ରହିଥିବାବେଳେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ମଧ ଅନେକ କର୍ମଚାରୀ ବର୍ଷବର୍ଷ ଧରି ରହିଛନ୍ତି । ସରକାରୀ ନିୟମ ମୁତାବକ ଜଣେ ଅଧିକାରୀଙ୍କ ଗୋଟିଏ ଜାଗାରେ ୩ ବର୍ଷ କାଳ କାର୍ଯ୍ୟ କଲାପରେ ଅନ୍ୟତ୍ର ବଦଳି କରାଯିବାର ପ୍ରାବଧାନ ରହିଛି । ବ୍ଲକର ଅନେକ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ବ୍ୟବଧାନରେ ବଦଳି ମଧ ହୋଇଛି । କିନ୍ତୁ ଏହି ଅଧିକାରୀ ଓ କର୍ମଚାରୀଙ୍କ କ୍ଷେତ୍ରରେ କାହିଁକି ଏହି ନିୟମର ବ୍ୟତିକ୍ରମ ଦେଖାଦେଇଛି । ତେଣୁ ଏ ମାନଙ୍କ ବଦଳି ନହେବା ପଛରେ କାହାରି ହାତ ରହିଛି ବୋଲି ପ୍ରଶ୍ନ ଉଠୁଛି । ତେଣୁ ଏହି ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଶୋଚନୀୟ ସ୍ଥିତିରେ ମଣ୍ଡାପାଇ ଯାତ୍ରୀ ବିଶ୍ରାମ ଗାର

**ବିଷମ କଟକ,(ମହାଭାରତ) :** ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ମଣ୍ଡାପାଇ ଛକ ଠାରେ ଅବସ୍ଥିତ ଯାତ୍ରୀ ବିଶ୍ରାମଗାର ଶୋଚନୀୟ ସ୍ଥିତିରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ରାଜ୍ୟ ରାଜପଥ ୫ ପାର୍ଶ୍ୱରେ ତିନି ଛକ ଠାରେ ଅବସ୍ଥିତ ଏହି ବିଶ୍ରମଗାର ଉପରେ ଆଖପାଖ



ଅଂଚଳର ପ୍ରାୟ ତିନିଖଣ୍ଡ ଗ୍ରାମର ଲୋକେ ନିର୍ଭର କରନ୍ତି । ଏହି ଛକରୁ ବିଷମ କଟକ, ମୁନିଗୁଡା, ରାୟଗଡ଼ା, ଭବାନୀପାଟଣା, କୋରାପୁଟ, ଜୟପୁର ଯିବାପାଇଁ ଯାତ୍ରୀ ମାନେ ବସ କୁ ଅପେକ୍ଷା କରିଥାନ୍ତି । ଖରା, ବର୍ଷା ଓ ଶୀତ ସବୁଦିନ ଏଠାରେ ଗହଳି ଲାଗିରହିଥାଏ । କିଛି ବର୍ଷ ପୂର୍ବରୁ ନିର୍ମିତ ଏହି ବିଶ୍ରାମ ଗାର ସଂପ୍ରତି ଶୋଚନୀୟ ସ୍ଥିତିରେ ପହଞ୍ଚିଛି । ଏହାର ଛାତ ଦୁର୍ବଳ ହୋଇ ଯିବାରୁ ତଳ ପଟରୁ ପାଣି ଗଳି ସିମେଣ୍ଟ ଖଣ୍ଡ ଖସୁଛି । ଚାରି ପାର୍ଶ୍ୱ ରେ ଅବସ୍ଥିତ ସିମେଣ୍ଟ ଖମ୍ବ ଗୁଡ଼ିକ ଫାଟି ଗଲାଣି । ଯାତ୍ରୀ ବିଶ୍ରାମ ଜାଗାର ସ୍ଥିତିବି ସମାନ ଏଣୁ ଏହା କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ଯିବ ତାହା କହି ହେଉନାହିଁ । ଫଳରେ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଲକ୍ଷ୍ମୀ ବିଶ୍ରାମ ଗାରରେ ଆଖ ପାଖ ବିଶ୍ରାମ ଗାରକୁ ସାମିଲ୍ କରାଯାଇଥିବା ବେଳେ ରାଜନୈତିକ ଦୃଷ୍ଟି କୋଣରୁ ଏହି ବିଶ୍ରାମ ଗାରକୁ ବାଦ୍ ପଡ଼ିଥିବା ଗ୍ରାମବାସି ଅଭିଯୋଗ କରିଛନ୍ତି । କାଙ୍କବାଡି ଗ୍ରାମପଞ୍ଚାୟତ ଓ ବିଷମ କଟକ ବ୍ଲକ୍ କର୍ତ୍ତୃପକ୍ଷ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି କରିଛନ୍ତି ।

# ପୁଣି ଭାପୁର ବ୍ଲକ୍ ଅକ୍ତିଆର କଲା ବିଜେଡି

## ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ ସାବିତ୍ରୀ ପ୍ରଧାନ



**ନୟାଗଡ଼,(ମହାଭାରତ) :** ବିଜେପି ଗଡ଼ରେ ବିଜେଡି ର ବାଜିମାତ । ନୟାଗଡ଼ ଭାପୁର ବ୍ଲକ୍ ଅଧକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସାବିତ୍ରୀ ପ୍ରଧାନ ଅଧକ୍ଷ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ତାଙ୍କ ବିରୋଧରେ କେହି ନାମାଙ୍କନ ପତ୍ର ଦାଖଲ କରିନଥିଲେ ଫଳରେ ମତଦାନ ହୋଇନଥିଲା । ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିଲା । ଶାନ୍ତି ଶୃଙ୍ଖଳାରେ ଭୋଟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟର ସ୍ୱତନ୍ତ୍ର ବ୍ୟବସ୍ଥା ମଧ ଗ୍ରହଣ କରାଯାଇଥିଲା । କେବଳ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତାଙ୍କ ପାଖରେ ୧୬ ଜଣ ସମିତି ସଭ୍ୟ ରହିଥିବା ବେଳେ ବିରୋଧି ଙ୍କ ପାଖରେ ୪ ଜଣ ସମିତି ସଭ୍ୟ ରହିଥିବା ଜଣାପଡିଛି । ଭାପୁର ବ୍ଲକର ଅଧକ୍ଷ ପଦବୀଟି ମହିଳା ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ନାମାଙ୍କନ ପତ୍ର ଦାଖଲ ଠାରୁ ଆରମ୍ଭ କରି ପ୍ରାର୍ଥୀ ପତ୍ର ଯାଞ୍ଚ ପ୍ରକ୍ରିୟା କଡାକଡି ହୋଇଥିଲା । ରାଜନୀତି ଦୃଷ୍ଟି ରୁ ଭାପୁର ବ୍ଲକ ଚର୍ଚ୍ଚାରେ ରହିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସୂଚନା ଅନୁଯାୟୀ ଭାପୁର ବ୍ଲକ ଅଧକ୍ଷ ସାବିତ୍ରୀ ପ୍ରଧାନ ଗତ ବିଧାନ ସଭା ନିର୍ବାଚନରେ ବିଜେଡ଼ି ଟିକେଟରେ ପ୍ରାର୍ଥୀ ହେବା ପରେ ସେ ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ । ତେଣୁ ଭାପୁର ବ୍ଲକ ଅଧକ୍ଷ ପଦବୀଟି ଖାଲି ପଡିଥିଲା । ଭାପୁର ବ୍ଲକରେ ୨୦ ଟି ପଞ୍ଚାୟତ ରହିଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ସମର୍ଥିତ ୧୭ ଜଣ ସମିତି ସଭ୍ୟ ନିର୍ବାଚିତ ହୋଇଥିଲେ ଏବଂ ବିଜେଡ଼ି ଭାପୁର ବ୍ଲକ ଅଧକ୍ଷ ଆସନ ହାସଲ କରିଥିଲା । ରାଜ୍ୟ ବିଜେପି ସରକାର ଏବଂ ଖଣ୍ଡପଡାରେ ବିଜେପି ବିଧାୟକ ନିର୍ବାଚିତ ହେବା ପରେ ରାଜନୀତି ସମୀକରଣ ବଦଳିଛି । ମିଳିଥିବା ସୂଚନା ଅନୁଯାୟୀ ଏବେ ବିଜେଡ଼ି ପାଖରେ ୧୬ ଜଣ ସମିତି ସଭ୍ୟ ରହିଛନ୍ତି ।

# ଅଭୟା ଦୁଷ୍କର୍ମ ଓ ହତ୍ୟା ଘଟଣା ପାଇଁ ପ୍ରତିବାଦ ଶୋଭାଯାତ୍ରା

**ବ୍ୟାସନଗର,(ମହାଭାରତ) :** କଲିକତା ସହରରେ ଡାକ୍ତରୀ ଛାତ୍ରୀଙ୍କ ଉପରେ ଦୁଷ୍କର୍ମ ଓ ହତ୍ୟା ଘଟଣାର ପ୍ରତିବାଦରେ ଯାଜପୁର ରୋଡ ଚୋର୍ଦା ଛକ ଠାରୁ ନହକା ଛକ ପର୍ଯ୍ୟନ୍ତ ଏକ ନିରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଯାଇଛି । ବୁଧବାର ସନ୍ଧ୍ୟା ୪ ଟା ସମୟରେ ଏହି ରାଲିର ଆୟୋଜନ କରାଯାଇଥିଲା । ବଙ୍ଗୀୟ ଓ ଓଡ଼ିଆ ମହିଳାଙ୍କ ହାତରେ ପ୍ରତିବାଦ ନାରାର ପ୍ଲାକାର୍ଡ ସହ ମୁଖରେ କମ୍ପି ଉଠିଥିଲା ପ୍ରତିବାଦ ର ନାରା । 'ଅଭୟାକୁ ନ୍ୟାୟ ଦିଅ','ଦୋଷୀକୁ ଫାଶୀ ଦିଅ' ନାରାରେ କମ୍ପି ଉଠିଥିଲା ବ୍ୟାସନଗର ସହର ।

ଦୋଷୀ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତ ସରକାରଙ୍କୁ ଦାବି ଜଣାଇଥିଲେ । ସବୁଆଡେ ବିରୋଧ ର ନାରା ଦେଖିବାକୁ ମିଳିଥିଲା । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଡାକ୍ତର ଅଭୟାଙ୍କୁ ନ୍ୟାୟ




ଦରକାର, ଦୋଷୀକୁ କଠୋର ରୁ କଠୋର ଦଣ୍ଡ ଦେବା ଆବଶ୍ୟକ । ରାଲୀ ରେ ଭାଗ ନେଇଥିବା ସମସ୍ତ ମହିଳା ନହକା ଗୋଲେଇ ଛକ ଠାରେ ପହଂଚି କ୍ୟାଣ୍ଡେଲ ଜାଳି ଅଭୟା ର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଶୋଭାଯାତ୍ରାରେ ସସ୍ମିତା ଚକ୍ରବର୍ତ୍ତୀ, ସୋନିଆ ବେଦୀ, ଜାଗ୍ରିତି ଚାଟାର୍ଜୀ, ନିମା ଦାସ, ମୁକ୍ତା ବାଲ୍ମୀକି, ବୋନି ବାଶୁଧର, ପୂଜା ମୁଖାର୍ଜୀ, ତୃପ୍ତିଶ୍ମିତା, ଦିପ୍ତିମୟୀ, ରିଧିମା ଚୋପ୍ରା, ହସିନା ସେଖ ପ୍ରମୁଖ ଯୋଗ ଦେଇଥିଲେ ।

ସେପଟେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟର ହେବ ପଲିଗ୍ରାଫ୍ ଟେଷ୍ଟ । କଲିକତା ହାଇକୋର୍ଟ ଏଥିପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି । ଆଜି ସିବିଆଇ ପକ୍ଷରୁ ଅଭିଯୁକ୍ତର ପଲିଗ୍ରାଫ୍ ଟେଷ୍ଟ କରାଯିବ । ଅଭିଯୁକ୍ତ ସଞ୍ଜୟ ରାୟ ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପୂର୍ବରୁ ପ୍ରଚୁର ନିଶାସେବନ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା କୁହାଯାଇଛି । ପୁଲିସର ସୂଚନା ଅନୁଯାୟୀ, ସେଦିନ ସଞ୍ଜୟ ବିନା କାରଣରେ ବିଭାଗକୁ ଆସିବା ସହ ଏଭଳି କାଣ୍ଡ ଘଟାଇଥିଲା । ଅପରାଧ ଘଟାଇବା ପରେ ଅଭିଯୁକ୍ତ ଜଣକ ପ୍ରମାଣ ନଷ୍ଟ କରିବାକୁ ମଧ ଚେଷ୍ଟା କରିଥିଲା । ଘଟଣା ସ୍ଥଳରୁ ରକ୍ତଦାଗ ଧୋଇବାକୁ ଚେଷ୍ଟା କରି ଭୋର ୪ଟା ୫୫ ରେ ସେ ସେମିନାର ରୁମ ଛାଡୁଥିବାର ଦୃଶ୍ୟ ମଧ ସିସିଟିଭି ଫୁଟେଜରେ କଏଦ ହୋଇଛି । ସେପଟେ ଟ୍ରେନି ଡାକ୍ତର ଜଣଙ୍କର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ବେଳେ ଡାକ୍ତରଙ୍କ ଶରୀରରେ ୧୪ଟି କ୍ଷତଚିହ୍ନ ରହିଥିଲା ବୋଲି ରିପୋର୍ଟରେ ଲେଖାଯାଇଛି, ଯାହା ଦୁଷ୍କର୍ମକାରୀର ପାଶବିକ ବର୍ବରତାକୁ ପ୍ରକାଶ କରୁଛି । ମହିଳା ଡାକ୍ତର ଜଣଙ୍କୁ ବଳପୂର୍ବକ ଦୁଷ୍କର୍ମ ସହ ତଣ୍ଟି ଚିପି ହତ୍ୟା କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି ।

# ଇଂଲଣ୍ଡ ବିପକ୍ଷରେ ୫ ଟେଷ୍ଟ ମ୍ୟାଚ୍ ଖେଳିବ ଭାରତ



ଲଣ୍ଡନ,୨୨।୮: ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ୨୦୨୫-୨୭ର ଅଭିଯାନ ଭାରତୀୟ କ୍ରିକେଟ ଟିମ ଇଂଲଣ୍ଡ ବିପକ୍ଷରୁ ଆରମ୍ଭ କରିବ। ଆସନ୍ତାବର୍ଷ ଜୁନ-ଅଗଷ୍ଟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ ଖେଳା ଯିବ। ଏହି ସିରିଜ ଖେଳିବାକୁ ଭାରତୀୟ କ୍ରିକେଟ ଟିମ ଇଂଲଣ୍ଡ ଗସ୍ତ କରିବ ଏନେଇ ଆଜି ଇଂଲଣ୍ଡ କ୍ରିକେଟ ବୋର୍ଡ ଭେନ୍ୟୁ ଓ ତାରିଖ ଘୋଷଣା କରିଛି।ଇସିବିର ଘୋଷଣା ଅନୁଯାୟୀ, ଲିଡ୍ସରେ ଥିବା ହେଡିଂଲୀରେ ପ୍ରଥମ ଟେଷ୍ଟ ଜୁନ ୨୦ରୁ ୨୪ ଯାଏ ଚାଲିବ ୨୦୨୩-୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପରେ ପରେ ଏହି ସିରିଜ ଆରମ୍ଭ ହେବ।

ଫାଇନାଲ ଜୁନ ମାସରେ ଲଣ୍ଡନରେ ଅନୁଷ୍ଠିତ ହେବ। ଭାରତ ପ୍ରଥମ ଟେଷ୍ଟ ଲିଡ୍ସରେ ଖେଳିବାକୁ ଯାଉଥିବା ବେଳେ ବାକି ଟେଷ୍ଟ ଗୁଡ଼ିକ ଏଜବାଷ୍ଟନ, ଲର୍ଡସ, ଓଲଡ ଟ୍ରାଫୋର୍ଡ ଓ ଓଭାଲରେ ଅନୁଷ୍ଠିତ ହେବ। ୨୦୨୧-୨୨ ପରେ କୌଣସି ଦ୍ୱିପାକ୍ଷିକ ସିରିଜ ଟେଷ୍ଟ ଖେଳିବାକୁ ଭାରତୀୟ ଟିମ ଇଂଲଣ୍ଡ ଗସ୍ତ କରିବ ୨୦୨୧-୨୨ରେ ବିରାଟ କୋହଲିଙ୍କ କ୍ୟାପ୍ଟେନ୍ସିରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟିକିଆ। ସିରିଜ ଖେଳା ଯାଇଥିଲା। ଭାରତ ୨-୧ରେ ସିରିଜ ଲିଡ କରୁଥିବା ବେଳେ ଶେଷ ମ୍ୟାଚ୍‌କୁ ରିସିଡ୍ୟୁଲ କରାଯାଇଥିଲା। ଭାରରତ ଗୋଟିଏ ଟେଷ୍ଟ ଖେଳିବାକୁ ୨୦୨୨ର ଶେଷ ଭାଗରେ ପୁଣି ଇଂଲଣ୍ଡ ଯାଇଥିଲା।ସେତେବେଳେ ଯଶପ୍ରୀତ ବୁମ୍ରା ଦଳର କମାଣ ସମ୍ଭାଳିଥିଲେ କିନ୍ତୁ ଭାରତ ଉକ୍ତ ମ୍ୟାଚ୍‌କୁ ହାରି ଯିବାରୁ ସିରିଜ ୨-୨ରେ ଡ୍ର ହୋଇ ଯାଇଥିଲା। ୨୦୨୫ରେ ଭାରତ ପୁଣି ଇଂଲଣ୍ଡ ଗସ୍ତ କରି ୫ ଟିକିଆ। ଟେଷ୍ଟ ସିରିଜ ଖେଳିବ। ଇଂଲଣ୍ଡ ତାର ଘରୋଇ ସିରିଜ ମେ ୨୨ରୁ ଜିମ୍ବାୱେ ବିପକ୍ଷରେ ଆରମ୍ଭ କରିବ। ୨୦୦୩ ପରେ ଜିମ୍ବାୱେ ପ୍ରଥମ ଥର ପାଇଁ କୌଣସି ଟେଷ୍ଟ ମ୍ୟାଚ୍ ଇଂଲଣ୍ଡରେ ଖେଳିବ। ପୁରୁଷ ଟିମ ଭଳି ସମାନ ସମୟରେ ଭାରତୀୟ ମହିଳା ଟିମ ଓ ଇଂଲଣ୍ଡ ମହିଳା ଟିମ ମଧ୍ୟରେ ୫ଟି ଟି-୨୦ ଓ ୩ଟି ଦିନିକିଆ। ମ୍ୟାଚ୍ ଅନୁଷ୍ଠିତ ହେବ।

## ଭାରତ ଓ ଇଂଲଣ୍ଡ ସିରିଜ

୧- ପ୍ରଥମ ଟେଷ୍ଟ- ଜୁନ ୨୦ରୁ ୨୪- ହେଡିଂଲୀ, ଲିଡ୍ସ

୨- ଦ୍ୱିତୀୟ ଟେଷ୍ଟ- ଜୁଲାଇ ୨ରୁ ୬- ଏଜବାଷ୍ଟନ, ବର୍ମିଂହାମ।

୩- ତୃତୀୟ ଟେଷ୍ଟ ଜୁଲାଇ ୧୦ରୁ ୧୪- ଲର୍ଡସ, ଲଣ୍ଡନ

୪- ଚତୁର୍ଥ ଟେଷ୍ଟ- ଜୁଲାଇ ୨୩ରୁ ୨୭- ଓଲଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର।

୫- ପଞ୍ଚମ ଟେଷ୍ଟ- ଜୁଲାଇ ୩୧ରୁ ଅଗଷ୍ଟ ୪- ଓଭାଲ, ଲଣ୍ଡନ।

# ନବୀନଙ୍କୁ ଭେଟିଲେ ଭାରତୀୟ ହକି ଖେଳାଳି




ଭୁବନେଶ୍ୱର,୨୨।୮ : ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ନବୀନ ଖେଳାଳୀମାନଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦେଶର ଗୌରବ କୁ ଆହୁରି ଉଚ୍ଚାକୁ ନେବା ପାଇଁ କାମ ଜାରି ରଖିବା ପାଇଁ ଖେଳାଳି ମାନଙ୍କୁ ପରାମର୍ଶ ଦେଇଥିଲେ।

ଆଗାମୀ ଅଲମ୍ପିକ୍ସରେ ଓଡିଶା ତଥା ଭାରତ ହକିରେ ସୁନା ପଦକ ଆଶା ରଖିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଖେଳାଳୀମାନଙ୍କୁ ଉପାୟନ ଓ ରୁପା ତାରାକସିର କୋଣାର୍କ ଚକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖେଳାଳୀ ମାନେ ସେମାନଙ୍କ ସ୍ୱାକ୍ଷର ସମ୍ବଳିତ ଜର୍ସି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ଖେଳାଳିମାନେ କହିଥିଲେ ଯେ, ଭାରତୀୟ ହକି ଦଳ ସବୁବେଳେ ଓଡିଶା ତଥା ଓଡିଶା ବାସୀଙ୍କ ନିକଟରେ ସେମାନଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞ ରହିବ।

ଯେତେବେଳେ ହକି ପାଇଁ କେହି ପ୍ରଯୋଜକ ଆଗେଇ ଆସି ନ ଥିଲେ ସେତେବେଳେ ନବୀନ ପଟ୍ଟନାୟକ ଏକ ଐତିହାସିକ ନିଷ୍ପତ୍ତି ନେଇ ଥିଲେ ଏବଂ ଓଡିଶା ଭାରତୀୟ ହକି ଦଳର ପ୍ରାୟୋଜକ ଦାୟିତ୍ୱ ନେଇଥିଲା। ଯାହାର ଫଳଶୃତି ସ୍ୱରୂପ ଆଜି ଅଲିମ୍ପିକ୍ସରେ ଭାରତୀୟ ହକି ଲଗାତାର ଦୁଇ ଥର ପଦକ ଜିତିବାରେ ସଫଳ ହୋଇ ପାରିଛି। ଓଡିଶା ବାସୀଙ୍କ ସମର୍ଥନ ଯୋଗୁଁ ଭାରତୀୟ ହକି ତାର ହୃତ ଗୌରବ ଫେରି ପାଇଛି ବୋଲି ଖେଳାଳି ମାନେ ପ୍ରକାଶ କରିବା ସହ ଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଲର୍ଡସରେ ଭାରତ-ଇଂଲଣ୍ଡ ମହିଳା ଟେଷ୍ଟ

ଲଣ୍ଡନ,୨୨।୮: ଐତିହାସିକ ଲର୍ଡସରେ ପ୍ରଥମଥର ପାଇଁ କୌଣସି ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି।୨୦୨୬ରେ ଏଠାରେ ପ୍ରଥମ ଥର ମହିଳା ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଐତିହାସିକ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ଭାରତ ଓ ଘରୋଇ ଇଂଲଣ୍ଡ ଦୁଇ ଦେଶ ମଧ୍ୟରେ ଏକମାତ୍ର ମହିଳା ଟେଷ୍ଟ ୨୦୨୬ରେ ଲର୍ଡସରେ ଖେଳାଯିବ ବୋଲି ଆଜି ଇସିବି ପକ୍ଷରୁ ଘୋଷଣା କରାଯାଇଛି।



୨୦୨୩ ଡିସେମ୍ବର ମାସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳା ଯାଇଥିଲା। ନଭି ମୁମ୍ବାଇର ଡିଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍ ଘରୋଇ ଟିମ ଭାରତ ୩୪୭ ରନରେ ଇଂଲଣ୍ଡକୁ ହରାଇଥିଲା।

୨୦୨୬ରେ ଦୁଇ ଦଳ ଲର୍ଡସରେ ଟେଷ୍ଟ ମ୍ୟାଚ୍ ଖେଳିବେ। ଏହାପୂର୍ବରୁ ଲର୍ଡସ ଏକାଧିକ ମହିଳା ଟିମ ମ୍ୟାଚ୍ ଖେଳିଛନ୍ତି ହେଲେ ସବୁ ମ୍ୟାଚ୍ ଧଳା ବଲ ଫର୍ମାଟରେ ହୋଇଥିଲା କିନ୍ତୁ ଏବେ ପ୍ରଥମଥର ପାଇଁ ଭାରତ ଓ ଇଂଲଣ୍ଡ ମଧ୍ୟରେ ନାଲି ବଲ ମ୍ୟାଚ୍ ଲର୍ଡସରେ ଖେଳାଯିବ।

୨୦୨୬ ଲର୍ଡସ ଟେଷ୍ଟ ପୂର୍ବରୁ ଭାରତୀୟ ମହିଳା ଦଳ ସୀମିତ ଓଭର ସିରିଜ ଖେଳିବାକୁ ୨୦୨୫ରେ ଇଂଲଣ୍ଡ ଗସ୍ତ କରିବ। ଜୁନ ୨୮ରୁ ନଟିଂହାମରେ ଭାରତ ଓ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ୫ ଟିକିଆ ଟି-୨୦ ସିରିଜ ଆରମ୍ଭ ହେବ। ସେହିପରି ଜୁଲାଇ ୧୬ରୁ ଜୁଲାଇ ୨୨ ମଧ୍ୟରେ ଦୁଇ ଦଳ ପରସ୍ପର ସହ ୩ଟି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିବେ।

ଭାରତ ଓ ଇଂଲଣ୍ଡ ଟି-୨୦ ସିରିଜ

୧- ପ୍ରଥମ ଟି-୨୦- ଜୁନ ୨୮- ନଟିଂହାମ।

୨- ଦ୍ୱିତୀୟ ଟି-୨୦- ଜୁଲାଇ ୧- ବ୍ରିଷ୍ଟଲ।

୩- ତୃତୀୟ ଟି-୨୦- ଜୁଲାଇ ୪- ଲଣ୍ଡନ।

୪- ଚତୁର୍ଥ ଟି-୨୦ ଜୁଲାଇ ୯- ମାଞ୍ଚେଷ୍ଟର।

୫- ପଞ୍ଚମ ଟି-୨୦ ଜୁଲାଇ ୧୨- ବର୍ମିଂହାମ

**ଦିନିକିଆ ସିରିଜ**

୧- ପ୍ରଥମ ଦିନିକିଆ।- ଜୁଲାଇ ୧୬- ସାଉଥାମ୍ପଟନ

୨- ଦ୍ୱିତୀୟ ଦିନିକିଆ।- ଜୁଲାଇ ୧୯- ଲର୍ଡସ, ଲଣ୍ଡନ

୩- ତୃତୀୟ ଦିନିକିଆ।- ଜୁଲାଇ ୨୨- ଚେଷ୍ଟର ଲେ ଷ୍ଟ୍ରିଟ।

# ଶ୍ରୀଧର ଆଫଗାନିସ୍ତାନର ସହକାରୀ ପ୍ରଶିକ୍ଷକ ନିଯୁକ୍ତ

କାବୁଲ,୨୨।୮: ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) କୋଚିଂ ଷ୍ଟାଫରେ ଏକ ବଡ଼ ପରିବର୍ତ୍ତନ କରିଛି। ବର୍ତ୍ତମାନ ପୂର୍ବତନ ଭାରତୀୟ ଖେଳାଳି ତଥା ପୂର୍ବତନ ଫିଲ୍ଡିଂ କୋଚ୍ ଆର ଶ୍ରୀଧର ଆଫଗାନିସ୍ତାନର ସହକାରୀ ପ୍ରଶିକ୍ଷକ ହେବେ। ଆଫଗାନିସ୍ତାନକୁ ନ୍ୟୁଜିଲ୍ୟାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପଡିବ। ଏହି ସିରିଜରେ ଆର ଶ୍ରୀଧର ଆଫଗାନିସ୍ତାନକୁ ପ୍ରଶିକ୍ଷଣ ଦେବେ। ଏହାପୂର୍ବରୁ ଆର ଶ୍ରୀଧର ଟିମ୍ ଇଣ୍ଡିଆରେ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ (କୋଚିଂ) ସମୟରେ ଟିମ୍ ଇଣ୍ଡିଆ ସହିତ କାମ କରିଥିଲେ। ଏଥି ସହିତ, ବର୍ତ୍ତମାନ ଏହି ଖେଳାଳି ଆଫଗାନିସ୍ତାନ କ୍ରିକେଟ୍ ଦଳ ସହିତ କାମ କରିବେ। ଆର ଶ୍ରୀଧର ହାଇଦ୍ରାବାଦ ପାଇଁ ବାମହାତୀ ସ୍ପିନର ଭାବରେ ଖେଳିଛନ୍ତି। ଏହି ଖେଳାଳି ୨୦୦୧ ରେ ତାଙ୍କ କୋଚିଂ କ୍ୟାରିଅର୍ ଆରମ୍ଭ କରିଥିଲେ।

ସେ ୨୦୧୪ ଅଣ୍ଡର -୧୯ ବିଶ୍ୱକପ ସମୟରେ ଭାରତୀୟ ଜୁନିଅର ଦଳରେ ଯୋଗ ଦେଇଥିଲେ। ଏହା ପରେ ସେ ୨୦୧୪ ରୁ ୨୦୧୭ ପର୍ଯ୍ୟନ୍ତ ଆଇପିଏଲରେ କିଙ୍ଗସ ଇଲେଭେନ ପଞ୍ଜାବ ଦଳର ସ୍ପିନ୍ ବୋଲିଂ କୋଚ୍ ଥିଲେ । ଏଥି ସହିତ, ସେହି ବର୍ଷ ସେ ଭାରତୀୟ ଦଳରେ ମଧ୍ୟ ଯୋଗ ଦେଇଥିଲେ। ସୂଚନା ଥାଉ କି ଯେ ଆର. ଶ୍ରୀଧରଙ୍କୁ ଭାରତୀୟ କ୍ରିକେଟ୍ ଦଳ ପାଇଁ ଖେଳିବାର ସୁଯୋଗ କେବେ ମିଳି ନଥିଲା। ତେବେ ଘରୋଇ କ୍ରିକେଟରେ ସେ ନିଶ୍ଚିତ ଭାବରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ଶ୍ରୀଧର ୩୫ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଏବଂ ୧୪ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ଯଥାକ୍ରମେ ୯୧ ଏବଂ ୧୪ଟି ୱିକେଟ୍ ନେଇଛନ୍ତି।

# ଡୋପିଂରେ ବିଫଳ ସତ୍ତ୍ୱେ ବାସନ୍ଦ ହେଲେନି ନମ୍ବର ୧ ଟେନିସ ଖେଳାଳି



ମାଞ୍ଚେଷ୍ଟର,୨୨।୮: ଇଟାଲୀର ଟେନିସ୍ ଖେଳାଳି ଜାନିକ ସିନର ଦୁଇ ଥର ଡୋପ ଟେଷ୍ଟରେ ବିଫଳ ହୋଇଥିଲେ ହେଁ ତାଙ୍କୁ ବାସନ୍ଦ କରାଯାଇ ନାହିଁ। ଏହାକୁ ନେଇ ସମଗ୍ର ବିଶ୍ୱର ଖେଳାଳି ମାନଙ୍କ ମଧ୍ୟରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁଇଥର ଡୋପ ଟେଷ୍ଟରେ ବିଫଳ ହୋଇଥିଲେ ହେଁ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ୟୁଏସ୍ ଓପନରେ ତାଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳୁଛି।

ସିନର ଆନାବଲିକ ଷ୍ଟେରଏଡ ସେବନ କରିଥିବା ନେଇ ପ୍ରଥମ ଥର ମାର୍ଚ୍ଚ ମାସରେ ଜଣା ପଡିଥିଲା। ମଙ୍ଗଳବାର ସିନର ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ଧରା ପଡିବା ପରେ ଅନେକ ଖେଳାଳି ଏହା ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି।

ଡେନିସ୍ ଶାପୋଭାଲୋଭ ଏକ୍ସରେ ପୋଷ୍ଟ କରିବା ସହ ଭିନ୍ନ ଖେଳାଳିଙ୍କ ପାଇଁ କାହିଁକି ଭିନ୍ନ ନିୟମ ବୋଲି ପ୍ରଶ୍ନ ଉଠାଇଥିଲେ। ପରେ ନିକ୍ କିର୍ଗିଓସ୍, ଲିଆମ ବ୍ରୋଡି ଓ ଜନ୍ ମିଲମ୍ୟାନ୍ ଏହି ଧାରାରେ ସାମିଲ ହୋଇଥିଲେ। କିର୍ଗିଓସ ଲେଖିଥିଲେ ଏହା ଯୋଜନା ବଦ୍ଧ କି ଦୁର୍ଘଟଣା ତାହା ଜଣାନାହିଁ। ମାତ୍ର ଜଣେ ଖେଳାଳି ୨ ଥର ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି ମାନେ ୨ ବର୍ଷ ବାସନ୍ଦ ହେବା ଉଚିତ୍। ପ୍ରଦର୍ଶନ ବୃଦ୍ଧିର ଷ୍ଟେରଏଡ୍ ଶରୀରରେ ମିଳିଥିବା କାରଣରୁ ଏପରି କରାଯିବା ଉଚିତ୍। ଯେଉଁଭଳି ମସାଜ କ୍ରିମ୍‌ର ବାହାନା ଦିଆଯାଉଛି ତାହା ଗ୍ରହଣୀୟ ନୁହେଁ। ଅନ୍ୟତମ ଖେଳାଳି ଲିଆମ୍ ବ୍ରୋଡି ଏହାକୁ ଅଭାବନୀୟ ବୋଲି କହିଛନ୍ତି। ଅନେକ ଖେଳାଳିଙ୍କୁ ପୂର୍ବରୁ ସମାନ କାରଣ ପାଇଁ ବ୍ୟାନ କରାଯାଇଛି। ସିନର ଡୋପିଂ କରୁଥିଲେ କି ନାହିଁ ତାହା ଭିନ୍ନ ମାମଲା। ମାତ୍ର ବ୍ୟାନ କରାଯିବା ଉଚିତ୍ ଥିଲା ବୋଲି ବ୍ରୋଡି ପୋଷ୍ଟ କରିଛନ୍ତି। ଜନ୍ ମିଲମ୍ୟାନ୍ ମଧ୍ୟ ପୋଷ୍ଟ କରିବା ସହ ସିନରଙ୍କୁ ସମାଲୋଚନା କରିଛନ୍ତି। ମସାଜ କ୍ରିମରେ ଶରୀର ମଧ୍ୟକୁ ୧ ଗ୍ରାମରୁ ଅଧିକ ଷ୍ଟେରଏଡ କିଭଳି ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଶ୍ୱ ମାନ୍ୟତାର ଏକ ନମ୍ବର ଟେନିସ ଖେଳାଳି ଜାନିକ ସିନର ଷ୍ଟେରଏଡ ପାଇଁ ଦୁଇଥର ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ ହେଁ ଏକ ସ୍ୱାଧୀନ ଟ୍ରିବ୍ୟୁନାଲ ଏହି ମାମଲାର ବିଚାର କରି ମଙ୍ଗଳବାର ତାଙ୍କୁ ଦୋଷମୁକ୍ତ କରିଥିଲା। ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ହାର୍ଡକୋର୍ଟ ଇଭେଣ୍ଟ ବେଳେ ସିନରଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସମ୍ପଲରୁ ନିଷିଦ୍ଧ ଆନାବୋଲି ଷ୍ଟେରଏଡ୍‌ର ମାତ୍ରା ଠାବ କରାଯାଇଥିଲା। ଏହି ଡ୍ରଗ୍ ପାଇଁ ସାନ ଡିଏଗୋ ପାଡ୍ରେସ ବେସ୍‌ବଲ ଷ୍ଟାର ଫର୍ନାଣ୍ଡୋ ଟାଟିସ ଜୁନିୟର ମେଜର ବେସ୍‌ବଲ ଲିଗ୍ ଦ୍ୱାରା ସସ୍‌ପେଣ୍ଡ ହୋଇଥିଲେ। ପୁଣି ୮ଦିନ ପରେ ପ୍ରତିଯୋଗିତା ବାହାରେ ସିନରଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ଏହିଥିରେ ପଜିଟିଭ ଆସିବାରୁ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। କିନ୍ତୁ ସେ ଏହି ଦଣ୍ଡ ବିରୋଧରେ ଅପିଲ କରି ସଫଳ ହୋଇଥିଲେ। ଟୁର୍‌ରେ ଖେଳ ଜାରି ରଖିବା ଲାଗି ତାଙ୍କୁ ଅନୁମତି ମିଳିଥିଲା। ସିନର ଯୁକ୍ତି ଦର୍ଶାଇଥିଲେ ତାଙ୍କ ଶରୀରରେ ଏକ ଛୋଟ କ୍ଷତର ଚିକିତ୍ସା ପାଇଁ ତାଙ୍କର ଜଣେ ସପୋର୍ଟ ଟିମ୍ ଷ୍ଟାଫ୍ କ୍ଲୋଷ୍ଟେବଲ ଉପାଦାନ ଥିବା ଏକ ସ୍ପ୍ରେ ବ୍ୟବହାର କରିଥିଲେ ଏହାଛଡ଼ା ସେ ସିନରଙ୍କ କ୍ଷତ ସ୍ଥାନରେ ମାଲିସ କରିଥିଲେ। ସିନରଙ୍କ ସଫେଇକୁ ଟ୍ରିବ୍ୟୁନାଲ ଗ୍ରହଣ କରିଥିଲା ଓ ସେ ଉଦ୍ଦେଶ୍ୟମୂଳକ ଭାବେ ନିୟମ ଉଲ୍ଲଂଘନ କରି ନାହାନ୍ତି ବୋଲି ଆଇଟିଏ ପକ୍ଷରୁ କୁହାଯାଇଛି।


# ଗାଁ ମାଟିରେ ଅମିତଙ୍କୁ ସମ୍ବର୍ଦ୍ଧନା



ସୁନ୍ଦରଗଡ଼,୨୨।୮: ନିଜ ଗାଁ ମାଟିରେ ଅଲିମ୍ପିକ ବ୍ରୋଞ୍ଜ ମେଡ଼ାଲିଷ୍ଟ ହକି ଖେଳାଳି ଅମିତ ରୋହିଦାସ ପହଞ୍ଚିଛନ୍ତି। ସୁନ୍ଦରଗଡ଼ ବାଲିଶଙ୍କରା ବ୍ଲକ ସଉନାମୁରା ଗାଁରେ ଅମିତ ପହଞ୍ଚିବା ପରେ ଗାଁ ଲୋକଙ୍କ ଛାତି ଗର୍ବରେ କୁଣ୍ଢେମୋଟ ହୋଇଯାଇଛି। ଜନ୍ମ ମାଟିରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ନାଚଗୀତରେ ପରିବେଶ କମ୍ପୁଛି। ଘରେ ଗାଁରେ ଖୁସିର ମାହୋଲ ରହିଛି।ଗାଁରୁ ବରିଷ୍ଠ ଲୋକେ ଅମିତଙ୍କୁ ଭେଟିବାକୁ ଆସୁଛନ୍ତି। ପ୍ୟାରିସ୍ ଅଲମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରି ତୃତୀୟ ସ୍ଥାନରେ ରହିଥିଲା।

# ଲଣ୍ଡନରୁ ଭାରତ ଫେରିବେ ବିରାଟ-ଅନୁଷ୍କା

ମୁମ୍ବାଇ,୨୨।୮(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ତାରକା କ୍ରିକେଟର ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ ଗତ ୭ ମାସ ଧରି ଲଣ୍ଡନରେ ଅଛନ୍ତି। ପୁଅ ଆକାୟଙ୍କ ଜନ୍ମ ପରେ ଅଭିନେତ୍ରୀ ଝିଅ ଭାମିକାଙ୍କ ସହ ଲଣ୍ଡନରେ ଅଛନ୍ତି। ବିରାଟ କୋହଲି ମଧ୍ୟ ସେମାନଙ୍କ ସହ ଅଛନ୍ତି ଏବଂ ପାରିବାରିକ ସମୟ ଉପଭୋଗ କରୁଛନ୍ତି। ନିକଟରେ ବିରାଟ ଟି-୨୦ ବିଶ୍ୱକପ୍ ଜିତିବା ପରେ ଲଣ୍ଡନ ଫେରିଥିଲେ, ସେତେବେଳେ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା ଯେ ଦୁହେଁ ବର୍ତ୍ତମାନ ଲଣ୍ଡନରେ ରହିବେ ।କିନ୍ତୁ, ଉଭୟ ଏହି ପ୍ରସଙ୍ଗରେ ନୀରବ ରହିଥିଲେ ବର୍ତ୍ତମାନ ଅଭିନେତ୍ରୀ ନିଜ ଦେଶକୁ ଫେରିବା ବିଷୟରେ ସୂଚନା ଦେଇଛନ୍ତି, ଯାହାପରେ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି। ଅନୁଷ୍କା ଶର୍ମା ସୋସିଆଲ ମିଡିଆରେ ବହୁତ ସକ୍ରିୟ । ଏହି ଷ୍ଟାର ଦମ୍ପତି ଗତ ୭ ମାସ ଧରି ସେମାନଙ୍କର ଦୁଇ ପିଲାଙ୍କ ସହିତ ଲଣ୍ଡନରେ ଅଛନ୍ତି।ବେଳେବେଳେ ସେ ଲଣ୍ଡନ ରାସ୍ତାରେ ବୁଲୁଥିବାର ମଧ୍ୟ ନଜର ଆସିଥିଲେ ଏବେ ଅନୁଷ୍କା ନିଜ ଦେଶକୁ ଫେରିବା ନେଇ ସଙ୍କେତ ଦେଇଛନ୍ତି।



ଅନୁଷ୍କା ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପ୍ରଡକ୍ଟର ବିଜ୍ଞାପନ ଶେୟାର କରିଛନ୍ତି। ଏହାକୁ ଶେୟାର କରି ଅନୁଷ୍କା ଲେଖିଛନ୍ତି, ଶୀଘ୍ର ଦେଖା ହେବ ବାସ୍ତବରେ, ଏହି ବିଜ୍ଞାପନରେ କୁହାଯାଇଛି ଯେ ଜଣେ ପ୍ରତିଯୋଗୀ ହେବେ ଏବଂ ଏହା ମାଧ୍ୟମରେ ପ୍ରଶଂସକମାନେ ଅନୁଷ୍କାଙ୍କୁ ମୁମ୍ବାଇରେ ଭେଟିବାର ସୁଯୋଗ ପାଇବେ। ଏହା ପରେ ଭିଡିଓରେ ଷ୍ଟେପଗୁଡିକ ବ୍ୟାଖ୍ୟା କରାଯାଇଛି, ଯାହା ମାଧ୍ୟମରେ ପ୍ରଶଂସକମାନେ ଅନୁଷ୍କାଙ୍କୁ ଭେଟି ପାରିବେ ତେବେ ଅନୁଷ୍କା ପ୍ରାୟତଃ ପ୍ରଶଂସକଙ୍କୁ ଭର୍ଚୁଆଲରେ ଭେଟିବେ ନା ମୁହାଁମୁହିଁ ଭେଟିବେ ତାହା ଉଲ୍ଲେଖ କରାଯାଇ ନାହିଁ। ବର୍ତ୍ତମାନ ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ୟୁଟ୍ୟୁବ ଚ୍ୟାନେଲ୍ ଖୋଲିଲେ ରୋନାଲ୍ଡୋ

ନୂଆଦିଲ୍ଲୀ,୨୨।୮: ବିଶ୍ୱ ଫୁଟବଲର ଚର୍ଚ୍ଚିତ ଚେହେରା ତଥା ପର୍ତ୍ତୁଗାଲର ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନାଁରେ ଯୋଡ଼ି ହୋଇଯାଇଛି। ବିଶ୍ୱରେକର୍ଡ ହେଲେ ଏହି ବିଶ୍ୱ ରେକର୍ଡ ଫୁଟବଲ ପଡ଼ିଆରେ ନୁହେଁ, ବରଂ ୟୁଟ୍ୟୁବରେ ରୋନାଲ୍ଡୋ ସୃଷ୍ଟି କରିଛନ୍ତି।

ସେ ବୁଧବାର ନିଜର ୟୁଟ୍ୟୁବ ଚ୍ୟାନେଲ ଖୋଲିଥିବା ବେଳେ ୨୪ ଘଣ୍ଟାରୁ କମ ସମୟ ମଧ୍ୟରେ ଏହାର ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ପାର୍ କରିଯାଇଛି। ଏତେ କମ ସମୟରେ କୌଣସି ୟୁଟ୍ୟୁବ ଚ୍ୟାନେଲର ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ପାର କରିବା ବିଶ୍ୱରେ ପ୍ରଥମ ଘଟଣା।

ରୋନାଲ୍ଡୋ ବୁଧବାର ତାଙ୍କ ୟୁଟ୍ୟୁବ ଚ୍ୟାନେଲ ଖୋଲିବାର ମାତ୍ର କିଛି ମିନିଟ ମଧ୍ୟରେ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧ ମିଲିୟନ ଚୁଇଁଥିଲା। ଦେଖୁ ଦେଖୁ ୨୪ ଘଣ୍ଟା ନ ପୁରୁଣୁ ଏହା ୧୦ ମିଲିୟନ ହୋଇଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହା ୧୯.୩ ମିଲିୟନରେ ପହଞ୍ଚି ଯାଇଛି।

ଗୋଲ ଡଟ୍ କମର ରିପୋର୍ଟ ଅନୁସାରେ, ରୋନାଲ୍ଡୋ ୟୁଟ୍ୟୁବ ସବ୍‌ସ୍କ୍ରାଇବ ମାମଲାରେ ହାମଷ୍ଟେର କୋମବାତଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ହାମଷ୍ଟେର ୟୁଟ୍ୟୁବ ଚ୍ୟାନେଲ ଖୋଲିବାର ୭ ଦିନ ଭିତରେ ତାଙ୍କ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ଛୁଇଁଥିଲା ହେଲେ ରୋନାଲ୍ଡୋ ଦିନକ ଭିତରେ ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

# ରୋହିତଙ୍କୁ ସିଏଟ କ୍ରିକେଟ୍ ରେଟିଂ ଆୱାର୍ଡସ

**ନୂଆଦିଲ୍ଲୀ,୨୨।୮(ଏଜେନ୍ସି):** ଗତକାଲି ରୋହିତ ଶର୍ମାଙ୍କୁ ସିଏଟ କ୍ରିକେଟ୍ ରେଟିଙ୍ଗ ଆୱାର୍ଡସ ୨୦୨୩-୨୪ରେ ମେନ୍ସ ଇଣ୍ଟରନ୍ୟାସନାଲ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା। କେବଳ ହିଟମ୍ୟାନ୍‌ଙ୍କୁ ନୁହେଁ, ଦଳର ପୂର୍ବତନ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ମଧ୍ୟ ଏହି ସମାରୋହରେ ଜୀବନବ୍ୟାପୀ ସାଧନା ପୁରସ୍କାର ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହି ଦୁଇ ମହାନ ବ୍ୟକ୍ତିତ୍ୱଙ୍କ ବ୍ୟତୀତ ବିରାଟ କୋହଲିଙ୍କୁ ମେନ୍ସ ଓଡିଆଇ ବ୍ୟାଟ୍ସମ୍ୟାନ୍ ଅଫ୍ ଦି ଇୟର, ମହମ୍ମଦ ଶାମିଙ୍କୁ ଓଡିଆଇ ବୋଲର ଅଫ୍ ଦି ଇୟର, ଯଶସ୍ୱୀ ଜେସାଲଙ୍କୁ ମେନ୍ସ ଟେଷ୍ଟ ବ୍ୟାଟ୍ସମ୍ୟାନ୍ ଅଫ୍ ଦି ଇୟର, ଆର.ଅଶ୍ୱିନଙ୍କୁ ମେନ୍ସ ଟେଷ୍ଟ ବୋଲର ଅଫ୍ ଦି ଇୟର ଏବଂ ବିସିସିଆଇ ସଚିବ ଜୟ ଶାହାଙ୍କୁ କ୍ରୀଡା ପ୍ରଶାସନରେ ଉତ୍କୃଷ୍ଟ କାମ ପାଇଁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସମୟରେ ଇଣ୍ଡିଆର ଷ୍ଟାର ଫାଷ୍ଟ ବୋଲର ମହମ୍ମଦ ଶାମି, ରୋହିତ ଶର୍ମାଙ୍କ ବିଷୟରେ କିଛି ବିଶେଷ କଥା କହିଥିଲେ ସେ କହିଥିଲେ ଯେ, ମୁଁ ରୋହିତ ଶର୍ମାଙ୍କୁ ପସନ୍ଦ କରେ କାରଣ ବୋଲିଂ ବେଳେ ସେ ଆପଣଙ୍କୁ ସ୍ୱାଧୀନତା ଦିଅନ୍ତି ଏହା ପରେ, ଯଦି ଆପଣ ତାଙ୍କ ଆଶା ପୂରଣ ନକରନ୍ତି, ତେବେ ସେ କଣ ଓ କିଭଳି କରିବା ଉଚିତ୍ ତାହା ବୁଝାନ୍ତି ଏହା ସତ୍ତ୍ୱେ ବି ଯଦି ଆପଣ ନିଜ ପ୍ରଦର୍ଶନରେ ଉନ୍ନତି ନଆଣନ୍ତି, ତେବେ ତାଙ୍କର ପ୍ରତିକ୍ରିୟା କିଭଳି ଥାଏ ତାହା ଆପଣ ଟିଭି ପରଦାରେ ଦେଖିଥିବେ ବୁଝାଇବା ପରେ ନବୁଝିଲେ ରୋହିତ ରାଗନ୍ତି।




ତେବେ ରୋହିତ ଶର୍ମା କହିଛନ୍ତି, ପୂର୍ବତନ ମୁଖ୍ୟ କୋଚ ରାହୁଲ ଦ୍ରାବିଡ, ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ଏବଂ କ୍ରିକେଟ ବୋର୍ଡ ଅଫ ଇଣ୍ଡିଆ। (ବିସିସିଆଇ) ସଚିବ ଜୟ ଶାହା। ଟି-୨୦ ବିଶ୍ୱକପ୍ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେମାନେ ଖେଳାଳିଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ। ଫଳସ୍ୱରୂପ ଭାରତ ତାଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ ଜିତିଥିଲା।

ରୋହିତଙ୍କ ନେତୃତ୍ୱରେ ଜୁନ ମାସରେ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ଟି -୨୦ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଭାରତ ଆଇସିସି ଟି-୨୦ ବଶ୍ୱକପ ଜିତିଥିଲା ୨୦୦୭ ପରେ ଏହା ଭାରତର ଦ୍ୱିତୀୟ ଟି-୨୦ ବିଶ୍ୱ ଟାଇଟଲ ଥିଲା କୋହଲି ଏବଂ ରୋହିତ ବାରବାଡୋସରେ ସେହି ବିଜୟ ସହିତ ଟି-୨୦ ଫର୍ମାଟରେ ନିଜର କ୍ୟାରିଅର୍ ଶେଷ କରିଥିଲେ।

# ଗ୍ରୁପ୍ ବିରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨୨।୮: ଗୋଆର ଫତୋର୍ଦାସ୍ଥିତ ପିଏନ୍‌ଜି ଷ୍ଟାଡିୟମରେ ଭାଉସାହେବ ବନ୍ଦୋଦକର ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଗୋଆର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଭାଉସାହେବ ବନ୍ଦୋଦକରଙ୍କ ନାମରେ ନାମିତ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ସିନିୟର ଦଳ ଅଂଶଗ୍ରହଣ କରିବ।

ଓଡ଼ିଶା ଏଫ୍‌ସି ଗ୍ରୁପ୍ ବିରେ ଚେନ୍ନାଇନ୍ ଏଫ୍‌ସି, ଆର୍ଜେଣ୍ଟିନାର କ୍ଲବ ଡିପୋର୍ଟିଭେ ଡିଫେନ୍ସା ୱାଇ ଜଷ୍ଟିକା ଓ ଚର୍ଚ୍ଚିଲ ବ୍ରଦର୍ସ ସହିତ ସ୍ଥାନ ପାଇଛି। ପ୍ରି-ସିଜନ ପ୍ରସ୍ତୁତି ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଏଫ୍‌ସି ଲାଗି ଗୁରୁତ୍ୱପୂର୍ଣ୍ଣ ଏଥିରେ ଭଲ ଅଭ୍ୟାସ ସହ ଦଳ ଆଗାମୀ ଆଇଏସ୍‌ଏଲ୍ ସିଜନ ପାଇଁ ରଣନୀତି ପ୍ରସ୍ତୁତ କରିପାରିବ। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ମୁଁ ବ୍ୟଗ୍ରତାର ସହ ଅପେକ୍ଷା କରିଛି ଆଇଏସଏଲ୍‌ର ପ୍ରି-ସିଜନରେ ଦଳକୁ ପ୍ରସ୍ତୁତ କରିବା ପାଇଁ ଏହି ଟୁର୍ନାମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗୋଆଭଳି ଏକ ସୁନ୍ଦର ସ୍ଥାନରେ ଭଲ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ଲଢ଼ିବାପାଇଁ ଆମେ ପ୍ରସ୍ତୁତ ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି।୨୫ ତାରିଖରେ ଡ୍ୱାଇ

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ